

# ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ କାରକେଡ୍ ରିହର୍ସାଲ



**ଭୁବନେଶ୍ୱର, ୨୮ ।୨(ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଭୁବନେଶ୍ୱର ଗସ୍ତକୁ ନେଇ କମିସନରେଟ୍ ପୁଲିସ ପକ୍ଷରୁ ପ୍ରସ୍ତୁତି ଜୋର୍‌ସୋରରେ ଚାଲିଛି । ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥାକୁ ପୁଲିସ ବ୍ୟାପକ କରିଛି । ଗୁରୁବାର ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ରହିଛି । ତା’ ପୂର୍ବରୁ ପୁଲିସ ପକ୍ଷରୁ କାରକେଡ୍ ରିହର୍ସାଲ ବୁଧବାର ସରିଛି । ଭୁବନେଶ୍ୱର ବିମାନବନ୍ଦରରୁ ଆରମ୍ଭ କରି ରାଜଭବନ, ରାଜଭବନରୁ ଯୋଗଦେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମସ୍ଥଳ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ୍ ଓ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ବହୁ ପୁଲିସ ଅଧିକାରୀ ତଥା ସୁରକ୍ଷାକର୍ମୀ ନିୟୋଜିତ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ୧୨ ଅତିରିକ୍ତ ଡିସିପି, ୨୫ ଏସିପି, ୪୦ ଇନ୍ସପେକ୍ଟର, ୧୨୦ ଏସ୍‌ଆଇ ଓ ଏଏସ୍‌ଆଇ ଦାୟିତ୍ୱରେ ରହିବେ । ୧୬୦ ଟ୍ରାଫିକ୍ କର୍ମଚାରୀ ଓ ୧୫୦ ଗୃହରକ୍ଷୀ ବି ସୁରକ୍ଷାରେ ନିୟୋଜିତ ହେବେ । ରାଷ୍ଟ୍ରପତିଙ୍କ ବ୍ଲୁ ବୁକ୍ ନିୟମ ମୁତାବକ ପୂରା ସହର ପୁଲିସ ଛାଉଣୀରେ ରହିବ । ରାଷ୍ଟ୍ରପତିଙ୍କ ସମସ୍ତ କାର୍ଯ୍ୟକ୍ରମ ସଡ଼କ ପଥରେ ରହିଥିବାରୁ ସେହି ଅନୁସାରେ ଟ୍ରାଫିକ ବ୍ୟବସ୍ଥା କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ରାଷ୍ଟ୍ରପତି ଗୁରୁବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ । ପରେ ରାଜଭବନକୁ ଆସି ଉତ୍କଳ ବିଶ୍ୱବିଦ୍ୟାଳୟ ଯିବେ । ରାତିରେ ରାଜଭବନରେ ରହିବେ । ୧ ତାରିଖ ବ୍ରହ୍ମପୁର ଯିବେ । ସେଠାରୁ ରାଷ୍ଟ୍ରପତି ସଡ଼କ ପଥରେ ଭୁବନେଶ୍ୱରରେ ପହଞ୍ଚିବା ସହ କଟକ ଯିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି ରାସ୍ତାରେ ଯିବା ଆସିବା କରିବାକୁ ସ୍ଥିର ହୋଇଥିବାରୁ ଟ୍ରାଫିକ ବ୍ୟବସ୍ଥାକୁ ପୁଲିସ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଏଥିସହ ୩ଟି କୁଇକ୍ ରେସ୍ପନ୍ସ ଦଳ ଓ ୨ଟି ସ୍ପେଶାଲ ଟେକ୍ନିକାଲ ୟୁନିଟ୍ ସୁରକ୍ଷା ଦାୟିତ୍ୱରେ ରହିବେ ।

### ଏକତରଫା ପ୍ରେମର କରୁଣ ପରିଣତି

# ବିଟ୍ ରାସ୍ତାରେ ମହିଳାଙ୍କୁ ଛୁରିଭୁସି ହତ୍ୟା



**ଭୁବନେଶ୍ୱର, ୨୮ ।୨(ସମିସ):** ଏକ ତରଫା ପ୍ରେମକୁ କେନ୍ଦ୍ରକରି ରାଜଧାନୀର ଜନଗହଳିପୂର୍ଣ୍ଣ କ୍ୟାପିଟାଲ ଥାନା ଅଧୀନ ଶିଶୁଭବନ ନିକଟରେ ଜଣେ ମହିଳାଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି । ମୃତ ମହିଳା ହେଲେ ଜଳେଶ୍ୱରର ବାଲିଆପାଳ ବ୍ଲକ ଅଞ୍ଚଳର ଗୀତାଞ୍ଜଳି ରଞ୍ଜିତ (୨୦) । ଘଟଣା ସମ୍ପର୍କରେ ମୃତକଙ୍କ ସ୍ୱାମୀ କୁଞ୍ଜବିହାରୀ ଦତ୍ତ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି । ସେହିପରି ସନ୍ଦେହ କରାଯାଉଥିବା ଯୁବକ ଉକ୍ତ ମହିଳାଙ୍କୁ ଏକତରଫା ପ୍ରେମ କରୁଥିଲା । କୌଣସି କାରଣକୁ ନେଇ ସେ ଗୀତାଞ୍ଜଳିଙ୍କୁ ହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି । କିନ୍ତୁ ହତ୍ୟାରେ ସମ୍ପୃକ୍ତ ହତ୍ୟାକାରୀ ଫେରାର୍ ହୋଇଯାଇଛି । ତାକୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଛି ।

ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦୨୦ରେ ଜଳେଶ୍ୱର ବ୍ଲକ ଅଞ୍ଚଳର କୁଞ୍ଜବିହାରୀଙ୍କୁ ଗୀତାଞ୍ଜଳି ବୈଦିକ ରୀତିରେ ବିବାହ କରିଥିଲେ । ଉଭୟଙ୍କର ଗୋଟିଏ କନ୍ୟା ସନ୍ତାନ ରହିଛି । କିଛିମାସ ତଳେ ସ୍ୱାମୀ କୁଞ୍ଜବିହାରୀ ଚିକିତ୍ସାଧୀନ ଥିବାବେଳେ ଗୀତାଞ୍ଜଳି ଜଣେ ପ୍ରେମିକା ସହ ଫେରାର୍ ହୋଇଯାଇଥିବା ନେଇ ଅଭିଯୋଗ ରହିଥିଲା । ମାତ୍ର ପରବର୍ତ୍ତୀ ସମୟରେ କୁଞ୍ଜବିହାରୀ ନିକଟକୁ ଆସି ଶିଶୁଭବନ ନିକଟରେ ରହୁଥିଲେ । କୁଞ୍ଜବିହାରୀ ବାପୁଜୀନଗରରେ ଏକ ମୋବାଇଲ୍ ଦୋକାନ ରହିଛି । ମଙ୍ଗଳବାର ସନ୍ଧ୍ୟାରେ ସେ ଦୋକାନରୁ ଘରକୁ ଫେରୁଥିବା ବେଳେ ବିଟ୍ ରାସ୍ତାରେ ଜଣେ ଦୁର୍ବୃତ୍ତ ତାଙ୍କୁ ଛୁରିଭୁସି ଫେରାର ହୋଇଯାଇଥିଲା । ଖବରପାଇ ପୁଲିସ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗୀତାଞ୍ଜଳିଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା । ସେଠାରେ ଗୁରୁତର ହେବାରୁ ଗୀତାଞ୍ଜଳିଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ପ୍ରେମ ବ୍ୟାପାରକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି । ସେଠାରେ ଲାଗିଥିବା ସିସିଟିଭି ସମ୍ପୃକ୍ତି ରହିଥିବା ଅଭିଯୁକ୍ତକୁ ଚିହ୍ନଟ କରାଯାଇଛି ।

### ଅଳିଆ ପୃଥକୀକରଣ ପାଇଁ ଅଧିକ ବେତନ ଦାବି

# ସଫେଇ କର୍ମଚାରୀ- ବିଏମ୍‌ସି ଆଲୋଚନା ଆଜି

**ଭୁବନେଶ୍ୱର, ୨୮ ।୨(ସମିସ):** ସଫେଇ କର୍ମୀମାନେ ରାସ୍ତାରେ ପଡୁଥିବା ଅଳିଆକୁ ସଫା କରିବା ସହ ଏହାକୁ ପୃଥକୀକରଣ କରିବେ କି ନାହିଁ ସେ ନେଇ ଗୁରୁବାର ସଫେଇ ମଜଦୁର ସଂଘର ନେତୃବୃନ୍ଦ ବିଏମ୍‌ସି ସହ ଆଲୋଚନା କରିବେ । ଆଲୋଚନାରେ ସଂଗଠନର ନେତୃବୃନ୍ଦ ଏବଂ ବିଏମ୍‌ସି ମେୟରଙ୍କ ସହ ବରିଷ୍ଠ ଅଧିକାରୀମାନେ ଯୋଗ ଦେବାର ସମ୍ଭାବନା ରହିଛି । ସଂଘର ଦାବି ଅନୁଯାୟୀ ସେମାନେ ୨୦ ବର୍ଷ ହେବ ରାସ୍ତାରେ ଝାଡୁ ମାରୁଛନ୍ତି । ହେଲେ ୩ ମାସ ହେବ ସେମାନଙ୍କୁ ଅଳିଆ ପୃଥକୀକରଣ କରିବାକୁ ବାଧ କରାଯାଉଛି । ମାତ୍ର ସେହି ପରିମାଣରେ ପ୍ରାପ୍ୟ ବୃଦ୍ଧି କରାଯାଉନାହିଁ । ଜଣେ ସଫେଇ କର୍ମୀଙ୍କୁ ମାତ୍ର ୯ ହଜାର ଟଙ୍କା ଦିଆଯାଉଛି । ହେଲେ ମାସିକ ୧୫ହଜାର ନଦେଲେ ସେମାନେ ଅଳିଆ ପୃଥକୀକରଣ କରିବେ ନାହିଁ ବୋଲି ସଫେଇ ମଜଦୁର ସଂଘ ସାଧାରଣ ସମ୍ପାଦକ ସହଦେବ ନାୟକ କହିଛନ୍ତି । ଏହାସହ ସେମାନଙ୍କୁ ଅଳିଆ ବାଛିବାକୁ ଅତି ନିମ୍ନମାନର ବସ୍ତା ଦିଆଯାଉଛି । ନୂଆ ବସ୍ତା ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି । ସୂଚନାଯୋଗ୍ୟ, ଅଳିଆ ନ ବାଛିବାକୁ ନେଇ ସଂଘ ପକ୍ଷରୁ କିଛି ଦିନ ତଳେ ଦାବି କରାଯାଇଥିଲା । ବିଏମ୍‌ସି କର୍ତ୍ତୃପକ୍ଷ କିଛି ନ ଶୁଣିବାକୁ ସଫେଇ କର୍ମୀମାନେ ଅଳିଆ ବାଛିବାକୁ ଦିଆଯାଇଥିବା ବସ୍ତାକୁ ଜାଳି ଦେଇଥିଲେ । ଆଲୋଚନାରେ ଯଦି ସଫଳ ନ ହୁଏ ତେବେ ଭୁବନେଶ୍ୱରରେ ଝାଡୁ ବାଜିବ, ନଚେତ୍ ସମୂହ କାର୍ଯ୍ୟବନ୍ଦ ହେବ ବୋଲି ସଫେଇ ମଜଦୁର ସଂଘ ଚେତାବନୀ ଦେଇଛି ।

# ୪ମହଲାରୁ ପଡ଼ି ଶ୍ରମିକ ଗୁରୁତର

**ଭୁବନେଶ୍ୱର, ୨୮ ।୨(ସମିସ):** ନୂଆପଲ୍ଲୀ ଥାନା ଏନ୍-୪ ଏକ ନିର୍ମାଣାଧୀନ କୋଠାର ୪ମହଲାରୁ ପଡ଼ି ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଆହତ ଶ୍ରମିକ ହେଲେ ବାଲେଶ୍ୱରର ଜଡ଼ା ସିଂ । ସେଇ କୋଠାର ୪ମହଲାରେ ସେଣ୍ଟ୍ରି କାର୍ଯ୍ୟ ଚାଲୁଥିବା ବେଳେ ଭୁଶୁଡ଼ି ପଡ଼ିଥିଲା । ଶ୍ରମିକ ଜଣକ ତଳେ ପଡ଼ିଯିବାରୁ ତାଙ୍କ ଗୋଡ଼ ଓ ହାତ ଭାଙ୍ଗି ଯାଇଛି । ଚିକିତ୍ସା ନିମନ୍ତେ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କ ଚିକିତ୍ସା ଜାରି ରହିଥିବା ବେଳେ ସ୍ୱାସ୍ଥ୍ୟବସ୍ଥା ଭଲ ରହିଥିବା ଡାକ୍ତର କହିଛନ୍ତି ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ସତ୍ୟନଗର ଛକରେ ମଦର ଟେରେସାଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ କରୁଛନ୍ତି । ଏହି ଅବସରରେ ସତ୍ୟନଗର ଚର୍ଚ୍ଚର ଫାଦର ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

# କୁଖ୍ୟାତ ଲୁଟେରାକୁ ବର୍ଷେ ଜେଲ୍

**ଭୁବନେଶ୍ୱର, ୨୮ ।୨(ସମିସ):** ବଡ଼ଗଡ଼ ଥାନା ଅଞ୍ଚଳରେ ହୋଇଥିବା ଏକ ଚୋରି ମାମଲାର ବିଚାର କରି ଲୁଟେରା ଗଙ୍ଗା ରାଓକୁ ବୁଧବାର ବର୍ଷେ ସଶ୍ରମ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ସୂର୍ଯ୍ୟନାରାୟଣ ମହାନ୍ତି । ସୂଚନାଯୋଗ୍ୟ ଯେ, ବଡ଼ଗଡ଼ ଥାନା ଅଧୀନ ବାସୁଆଘାଇ, ଟଙ୍କପାଣି ରୋଡରେ ଥିବା ‘ଫର୍ଣ୍ଣିଚର ପଏଣ୍ଟ’ ନାମକ ଏକ ଫର୍ଣ୍ଣିଚର ଦୋକାନ ସମ୍ମୁଖରୁ ରଖାଯାଇଥିବା ଏକ ଲୁହା ଆଙ୍ଗେଲ ଚୋରି କରି ନେଇଥିଲା ଗଙ୍ଗା । ଏହାକୁ ଦେଖି ଦୋକାନର କର୍ମଚାରୀମାନେ ଗଙ୍ଗାକୁ ପିଛା କରିବା ସହ ତାଙ୍କୁ କାବୁକରି ପୁଲିସ ଜିମା ଦେଇଥିଲେ । ଏନେଇ ଅଭିଯୋଗକାରୀ ଗିରିଶ ପ୍ରସାଦ ମହାପାତ୍ର ବଡ଼ଗଡ଼ ଥାନାରେ ଅଭିଯୋଗ ପରେ ଗଙ୍ଗାକୁ ପୁଲିସ ଗିରଫ କରିଥିଲା । ମାମଲାର ବିଚାର କରି ଅଦାଲତ ୫ଜଣ ସାକ୍ଷୀଙ୍କ ବୟାନ ଓ ବିଭିନ୍ନ ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତ ଗଙ୍ଗାକୁ ୧ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ସହ ୧ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ବାବଦରେ ଅଧିକ ୧୦ ଦିନ ଜେଲଦଣ୍ଡ ଲାଗି ଆଦେଶ ଶୁଣାଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହାୟକ ଆଇନ୍‌ଜୀବୀ ବିଶ୍ୱରଞ୍ଜନ ରାଉତ ଓ ସୁଶାନ୍ତ କୁମାର ଦାଶ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ଗତବର୍ଷ ସମୁଦାୟ ୮୨ଟି ମାମଲାର ଦୋଷୀ ସାବ୍ୟସ୍ତ କରାଯାଇଥିବା ବେଳେ ଚଳିତବର୍ଷର ୧୫ଟି ମାମଲାର ଶୁଣାଣି ଶେଷ ହୋଇଛି ।

# ଗ୍ରାହକଙ୍କୁ ମାଡ଼; ବାର୍ ବାଉନ୍‌ସର ଗିରଫ

**ଭୁବନେଶ୍ୱର, ୨୮ ।୨(ସମିସ):** ବାର୍‌ରେ ଭିଡିଓ ଉତ୍ତୋଳନକୁ କେନ୍ଦ୍ରକରି ଗ୍ରାହକଙ୍କୁ ମାଡ଼ମାରିବା ଅଭିଯୋଗରେ ଜଣେ ବାଉନ୍‌ସରଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ । ଗିରଫ ବାଉନ୍‌ସର ହେଲା ବାଲିଅନ୍ତା ଥାନା ପ୍ରତାପରୁଦ୍ରପୁର ଶିବପ୍ରସାଦ ନନ୍ଦ ଓରଫ ଗୁଗୁନା(୩୩) । ପୁଲିସର କହିବା ଅନୁଯାୟୀ, ମଙ୍ଗଳବାର ପଟିଆ ଠାରେ ଥିବା ଟପନୋଚ ବାରକୁ ମୁକ୍ତେଶ୍ୱର ମିଶ୍ର ନାମକ ଜଣେ ଯୁବକ ଯାଇଥିଲେ । ସେଠାରେ ଭିଡିଓ ଉତ୍ତୋଳନ କରିବା ନିଷେଧ ଥିବା ବେଳେ ମୁକ୍ତେଶ୍ୱର ମୋବାଇଲ୍ ଫୋନ୍‌ରେ ଭିଡିଓ ଉତ୍ତୋଳନ କରୁଥିଲେ । ଏହାକୁ କେନ୍ଦ୍ରକରି ବାର୍‌ରେ ଥିବା ବାଉ୍‌ସର ଗୁଗୁନା ସହ ଯୁକ୍ତିତର୍କ ହୋଇଥିଲା । ପରେ ରାତି ୨ଟା ସମୟରେ ପାର୍ଟି ସରି ଯିବା ପରେ, ଅଭିଯୁକ୍ତ ଗୁଗୁନା ଏକ ଲାଠି ସାହାଯ୍ୟରେ ମୁକ୍ତେଶ୍ୱରଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରହିଥିଲା । ଏନେଇ ଇନ୍‌ଫୋସିଟି ଥାନାରେ ଅଭିଯୋଗ ହେବା ପରେ ପୁଲିସ ଗୁଗୁନାକୁ ପଟିଆ ରେଳ ଷ୍ଟେସନ୍ ନିକଟରୁ ଗିରଫ କରିଥିଲା ।

# ବ୍ରାଉନ୍‌ସୁଗର ଜବତ; ମହିଳା ଗିରଫ

**ଭୁବନେଶ୍ୱର, ୨୮ ।୨(ସମିସ):** ଆମ୍ରି ହସ୍ପିଟାଲ୍ ରାସ୍ତାରେ ବ୍ରାଉନ୍‌ସୁଗର ବିକ୍ରି କରୁଥିବା ଅଭିଯୋଗରେ ଜଣେ ମହିଳା ନିଶା ବେପାରୀଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ । ଗିରଫ ମହିଳା ବେପାରୀ ହେଲେ ଖଣ୍ଡଗିରି ଜାଗମରାର ରୀନା ଜେନା । ତାଙ୍କଠାରୁ ୧୩ ଗ୍ରାମ୍‌ର ବ୍ରାଉନ୍‌ସୁଗର ଓ ୮୭ହଜାର ଟଙ୍କା ଜବତ କରାଯାଇଛି । ରୀନା ନୟାଗଡ଼ରୁ ବ୍ରାଉନସୁଗର ଆଣି ଦୀର୍ଘଦିନ ହେବ ତପୋବନ ବସ୍ତିରେ ବିକ୍ରି କରୁଥିଲେ । ବୁଧବାର ଜୟଦେବ ବାଟିକା ନିକଟରେ ବ୍ରାଉନ୍‌ସୁଗର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ ଭରତପୁର ଥାନା ପୁଲିସ ଚଢ଼ଉ କରୁଥିଲେ । ସେ ଅଧିକ ବ୍ରାଉନ୍‌ସୁଗର ବିକ୍ରି କରିଥିବା ବେଳେ ୧୩ ଗ୍ରାମ୍‌ର ବ୍ରାଉନ୍‌ସୁଗର ବିକ୍ରି ଲାଗି ଧରିଥିବା ବେଳେ ତାକୁ ଗିରଫ କରାଯାଇଛି ।

# ପୃଥକ୍ ମାମଲାରେ ୩ ଗିରଫ

**ଭୁବନେଶ୍ୱର, ୨୮ ।୨(ସମିସ):** ଯାତ୍ରୀ ଏବଂ ମୋ ବସ୍‌ର କଣ୍ଡକ୍ଟରଙ୍କୁ ମାର୍‌ପିଟ୍ ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି କମିସନରେଟ୍ ପୁଲିସ । ମୋ ବସ୍ ରୁଟ୍ ଇନ୍‌ଚାର୍ଜ ଭାବେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତିଙ୍କୁ ମାର୍‌ପିଟ୍ କରିଥିବା ଅଭିଯୁକ୍ତ ଦିଲ୍ଲୀପ ବେହେରାକୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ । ସେହିଭଳି ବାଣୀବିହାର ଅଟୋ ଷ୍ଟାଣ୍ଡରେ ଯାତ୍ରୀଙ୍କୁ ମାର୍‌ପିଟ୍ କରିଥିବା ଅଭିଯୁକ୍ତ ଦୀପୁ ବେହେରାକୁ ଗିରଫ କରିଛି ସହିଦନଗର ଥାନା ପୁଲିସ । ଅଟୋରେ ଆସୁଥିବା ଯାତ୍ରୀଙ୍କୁ ଭଡ଼ା ବାବଦକୁ ନେଇ ମାର୍‌ଧର କରିଥିଲା ଦୀପୁ । ଆଉ ଏକ ମାର୍‌ପିଟ୍ ମାମଲାରେ ରଶ୍ମିରଞ୍ଜନ ସାହୁକୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ ।

# ସ୍କୁଟି-ବାଇକ୍ ଧକ୍କା; ୩ ଗୁରୁତର

**ବାଲିଅନ୍ତା, ୨୮ ।୨(ସମିସ):** ହଂସପାଳ-ଅଭୟମୁଖୀ ମୁଖ୍ୟ ରାସ୍ତାର ରାମଚନ୍ଦ୍ରପୁର କାଜ ନିକଟରେ ବୁଧବାର ଅପରାହ୍ଣରେ ଏକ ସ୍କୁଟି ଏବଂ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣ ଯୁବକ ଗୁରୁତର ହୋଇଛନ୍ତି । ଆହତମାନଙ୍କ ମଧ୍ୟରେ ବାଇକ୍ ଆରୋହୀ ଯୁବକଙ୍କ ଘର ପାଣ୍ଡେରା । ସେହିପରି ସ୍କୁଟିରେ ଥିବା ୨ ଯୁବକ ହେଲେ ବେଣୁପୁର ପଞ୍ଚାୟତ ଅଧୀନ ବାଳିକାଣ୍ଟିଆ ଗ୍ରାମର ରାଜା ମୁଦୁଲି ଏବଂ ଅନୀଲ ବେହେରା । ତିନି ଯୁବକଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ଅନୀଲ ଏବଂ ରାଜା ଧାନ ପେଷିବାକୁ ଭିଙ୍ଗାରପୁର ଅଭିମୁଖେ ଯାଉଥିବା ବେଳେ ଅଡଶପୁରରୁ ପାଣ୍ଡେରା ଅଭିମୁଖେ ଫେରୁଥିବା ଯୁବକଙ୍କ ସହ ଧକ୍କା ଲାଗିଥିଲା ।

ଏକାଦଶାହ ଉପଲକ୍ଷେ



୰ ପୂର୍ଣ୍ଣଶଶୀ ମହାନ୍ତି

ବୋଉ,
ତୁ ଥିଲୁ ଆମ ଯୌଥ ପରିବାରର ମଙ୍ଗ । ତୋ' ସ୍ନେହ, ମମତା, ଆନ୍ତରିକତା, ପରୋପକାରିତା ଓ ଧର୍ମପରାୟଣତା ଆମ ସ୍ମୃତିରେ ସବୁବେଳେ ରହିବ । ସେ ପୁରରୁ ଆମମାନଙ୍କୁ ଆଶିଷ ଦେବୁ - ତୋ'ଆଦର୍ଶ, ତ୍ୟାଗ ଓ ମହନୀୟତାରେ ଅନୁପ୍ରାଣିତ ହେବାପାଇଁ । ତୋ ଶେଷ ଜୀବନର କଷ୍ଟ ଆମମାନଙ୍କୁ ବ୍ୟଥିତ କରିଥିଲା ସତ, ହେଲେ ତାହା ବୋଧେ ଥିଲା ବିଧିନିର୍ଦ୍ଦିଷ୍ଟ । ତୋ' ପରି ମାଆ ଟିଏ ପାଇ ଆମେ ସମସ୍ତେ ଧନ୍ୟ । ତୋ'ଆତ୍ମାର ମୋକ୍ଷ ଓ ସଦଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ଝିଆରୀ, ନାତି, ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣ ନାତୁଣୀ ଓ ଆତ୍ମୀୟ ସ୍ୱଜନ

## ଅଗ୍ନିଶମ ବାହିନୀର ଉତ୍ସର୍ଗୀକୃତ ସେବା

# ୧୪ ମାସରେ ୩୫ କୋଟିର ସମ୍ପତ୍ତି ରକ୍ଷା

**ଭୁବନେଶ୍ୱର, ୨୮ ।୨(ସମିସ):**

ମଣିଷ ତଥା ପଶୁପକ୍ଷୀଙ୍କ ଜୀବନ ରକ୍ଷା ଦିଗରେ ରାଜ୍ୟ ଅଗ୍ନିଶମ ବାହିନୀ ସବୁବେଳେ ଉତ୍ସର୍ଗୀକୃତ ସେବା ପ୍ରଦାନ କରିଆସୁଛି । ତ୍ୱରିତ୍ ଏବଂ ପ୍ରଭାବୀସେବା ଲାଗି ଓଡ଼ିଶା ଅଗ୍ନିଶମ ବାହିନୀ ବିଭିନ୍ନ ସମୟରେ ଜାତୀୟସ୍ତରରେ ପ୍ରଶଂସା ସାଉଣ୍ଟିଛି । ବିପର୍ଯ୍ୟୟ କ୍ଷେତ୍ରରେ ଓଡ଼ିଶା ଅଗ୍ନିଶମ ବିଭାଗର ପ୍ରଦର୍ଶନକୁ ନେଇ ଶତମୁଖ ସାରାଦେଶ । ଅତ୍ୟାଧୁନିକ ଜ୍ଞାନକୌଶଳ ସହ ରାଜ୍ୟ ସରକାର ଗଠନ କରିଥିବା ସ୍ୱତନ୍ତ୍ର ଫୋର୍ସ ଆହୁରି ସେବାକୁ ବଳ ଯୋଗାଉଛି । ତେବେ ବିଭାଗ ପକ୍ଷରୁ ହସ୍ତଗତ ହୋଇଥିବା ଏକ ରିପୋର୍ଟ ଅଗ୍ନିଶମ ବାହିନୀର କାର୍ଯ୍ୟଦକ୍ଷତାକୁ ପ୍ରମାଣିତ କରିଛି । ରିପୋର୍ଟ ଅନୁଯାୟୀ, ଗତ ୧୪ମାସରେ ଭୁବନେଶ୍ୱରରେ କାର୍ଯ୍ୟକ୍ଷମ ହେଉଥିବା ୧୦ ଅଗ୍ନିଶମ କେନ୍ଦ୍ର



ସେହିପରି ଦୁର୍ଘଟଣାଜନିତ ମାମଲାରେ ଅଗ୍ନିଶମ କର୍ମଚାରୀଙ୍କ ଲୋଡ଼ାଯାଉଛି । ଏହି ସମୟରେ କଳ୍ପନା ସେବାକେନ୍ଦ୍ରକୁ ୮୩୦ କଲ୍, ଜଟଣୀ ୪୭୯ କଲ୍, ତମାଣ୍ଡୋରୁ ୨୭୭, ସଚିବାଳୟ ସେବାକେନ୍ଦ୍ରକୁ ୪୨୨, ବାଲିଅନ୍ତାକୁ ୧୩୭,

ସୂଚନାଯୋଗ୍ୟ ଯେ, ଭୁବନେଶ୍ୱରରେ ୧୦ଟି ଅଗ୍ନିଶମ ସେବାକେନ୍ଦ୍ର କାର୍ଯ୍ୟକ୍ଷମ ହେଉଛି । କଳ୍ପନା, ଜଟଣୀ, ସଚିବାଳୟ, ଚନ୍ଦ୍ରଶେଖରପୁର, ବାଲିଅନ୍ତା, ବାଲିପାଟଣା, ମଞ୍ଚେଶ୍ୱର, ପାହାଳ, ତମାଣ୍ଡୋ ଏବଂ ଏମ୍‌ସ ହସ୍ପିଟାଲରେ ଅଗ୍ନିଶମ ସେବାକେନ୍ଦ୍ର ରହିଛି । ତେବେ ଚନ୍ଦ୍ରଶେଖରପୁର ସେବାକେନ୍ଦ୍ରର ତଥ୍ୟ ଆମର ହସ୍ତଗତ ହୋଇନାହିଁ ।

- ୧୦୦ ମଣିଷ ଓ ୧୦୧୭ ଗୋରୁଙ୍କ ଜୀବନ ବଞ୍ଚାଇଛି
- ୯ ଟି ଅଗ୍ନିଶମ ସେବାକେନ୍ଦ୍ରକୁ ଆସିଛି ୨୪୮୮ କଲ୍
- ୧୪୭୦ ସ୍ୱତନ୍ତ୍ର ସେବା; ଅଗ୍ନିକାଣ୍ଡଜନିତ ୧୦୧୮ କଲ୍

ଧନଜୀବନ ରକ୍ଷାରେ ଆଗରେ ରହିଛି । ଏହି କେନ୍ଦ୍ରଗୁଡ଼ିକ ଅଘଟଣସ୍ଥଳରେ ତ୍ୱରିତ ସେବା ଯୋଗାଇ ଦେଇଛି । ଏଥିରେ ସାଧାରଣ ଲୋକଙ୍କର ୩୫ କୋଟି ୩ ଲକ୍ଷ ୧୫ଶହ ଟଙ୍କାର ସମ୍ପତ୍ତି ରକ୍ଷାକରିଛି ଅଗ୍ନିଶମ ବାହିନୀ । ଏତଦ୍‌ବ୍ୟତୀତ ୧୦୦ଜଣ ମଣିଷଙ୍କ ଜୀବନ ବଞ୍ଚାଇବା ସହ ୧୦୧୭ ଗୋରୁଗାଈଙ୍କ ଜୀବନ ରକ୍ଷାକରି ଦେଇଛି ନୂଆ ଜୀବନ । କାହାକୁ ପାଣିରୁ ତ ଆଉ କାହାକୁ ନିଆଁର ଜ୍ୱଳା ଭିତରୁ ରକ୍ଷା କରିଛନ୍ତି ଅଗ୍ନିଶମ କର୍ମଚାରୀ ।

ଗତବର୍ଷ ଜାନୁଆରୀ ଠାରୁ ଡିସେମ୍ବର ଏବଂ ଚଳିତବର୍ଷର ଦୁଇମାସ ଅର୍ଥାତ୍ ୧୪ ମାସରେ ଭୁବନେଶ୍ୱର ବିଭିନ୍ନ ଅଗ୍ନିଶମ କେନ୍ଦ୍ରକୁ ୨୪୮୮ଟି କଲ୍ ଆସିଛି । ଅଗ୍ନିକାଣ୍ଡ ସଂକ୍ରାନ୍ତୀୟ ୧୦୧୮ଟି କଲ୍ ଆସିଥିବା ବେଳେ ସ୍ୱତନ୍ତ୍ର ସେବା ଡାକରା ସଂକ୍ରାନ୍ତୀୟ ୧୪୭୦ଟି କଲ୍ ସେବାକେନ୍ଦ୍ରକୁ ଆସିଛି । ଅଗ୍ନିକାଣ୍ଡ ସଂକ୍ରାନ୍ତୀୟ କେବଳ ନିଆଁ ଲାଗିବା ସ୍ଥାନ ରହିଛି । କିନ୍ତୁ ସ୍ୱତନ୍ତ୍ର ସେବା ଲାଗି ଅଧିକ କଲ୍ ଆସୁଛି । ଏଥିରେ ପାଣିରେ ବୁଡ଼ିବା, ଦୁର୍ଘଟଣା, ଗୋରୁଗାଈ ଉଦ୍ଧାର, ଜଙ୍ଗଲରେ ନିଆଁ ସହ ଜରୁରିକାଳୀନ ସ୍ଥିତିରେ ଅଗ୍ନିଶମ କର୍ମଚାରୀଙ୍କୁ ଡକାଯାଉଛି ।

ବାଲିପାଟଣାକୁ୧୨୨, ମଞ୍ଚେଶ୍ୱର ସେବାକେନ୍ଦ୍ରକୁ ୧୩୨ଟି କଲ୍ ଆସିଛି । ଅନୁରୂପ ଭାବେ ମଣିଷଙ୍କ ଜୀବନ ରକ୍ଷା କରିବାରେ କଳ୍ପନା ସେବାକେନ୍ଦ୍ର ଆଗରେ ରହିଛି । କଳ୍ପନା ସେବାକେନ୍ଦ୍ର ୨୧ଜଣ, ଜଟଣୀ, ୧୯ଜଣ, ସଚିବାଳୟ ୧୦ଜଣ, ବାଲିଅନ୍ତା ୧୬ଜଣ, ପାହାଳ ୧୦ଜଣ ଓ ବାଲିପାଟଣା ୬ଜଣ, ମଞ୍ଚେଶ୍ୱର ୨ଜଣ, ଏମ୍‌ସ ୩ଜଣଙ୍କ ଜୀବନ ରକ୍ଷା କରିଛି । ସେହିପରି କଳ୍ପନା ସେବାକେନ୍ଦ୍ର ୩୦୮ ଗୋରୁଗାଈ, ଜଟଣୀ ୨୭୦ ଗୋରୁଗାଈ, ସଚିବାଳୟ ୧୫୦ ଗୋରୁଗାଈ, ତମାଣ୍ଡୋ ୧୧୮ ଗୋରୁଗାଈଙ୍କ ଜୀବନ ଉଦ୍ଧାର କରିଛି । ଅନ୍ୟପକ୍ଷରେ ଧନସମ୍ପତ୍ତି ରକ୍ଷା କରିବା କ୍ଷେତ୍ରରେ କଳ୍ପନା ଅଗ୍ନିଶମ ସେବାକେନ୍ଦ୍ର ଆଗରେ ରହିଛି । ଏହି ସେବା କେନ୍ଦ୍ର ୧୭ କୋଟି ୩୦ ଲକ୍ଷ ୧୦ହଜାର ୫୦୦ ଟଙ୍କାର ସମ୍ପତ୍ତି ରକ୍ଷାକରିଛି । ଜଟଣୀ ୧୯ ଲକ୍ଷ ୧୮ ହଜାର ୫୦୦ ଟଙ୍କା, ତମାଣ୍ଡୋ ୮ କୋଟି ୫୯ ଲକ୍ଷ ୩୭ହଜାର ଟଙ୍କା, ମଞ୍ଚେଶ୍ୱର ୫କୋଟି ୨ଲକ୍ଷ ୭୨ହଜାର ଟଙ୍କା, ସଚିବାଳୟ ୧ କୋଟି ୭୬ ଲକ୍ଷ ୭୩ହଜାର ୫୦୦ ଟଙ୍କା ଓ ପାହାଳ ସେବାକେନ୍ଦ୍ର ୭୮ ଲକ୍ଷ ୫ହଜାର ଟଙ୍କାର ସମ୍ପତ୍ତି ରକ୍ଷା କରିଛନ୍ତି ଅଗ୍ନିସେବା ବାହିନୀ ।

## ସୁରକ୍ଷାକୁ ସୁନିଶ୍ଚିତ କଲା ୨୧୩ ମକ୍‌ଡ୍ରିଲ୍

ସାଧାରଣ ଜନତାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ଧନଜୀବନ କ୍ଷତିରୁ ମିଳୁଛି ମୁକ୍ତି । ଆଗୁଆ ସତର୍କ ରହିବା ଲାଗି ନିଆଯାଉଛି ଆବଶ୍ୟକ ପଦକ୍ଷେପ । ସମସ୍ତ ତ୍ରୁଟି ବିଚ୍ୟୁତିକୁ ଦେଖିବା ପରେ ସମସ୍ୟାର ସମାଧାନ କରାଯାଉଛି । ଗତ ୧୪ମାସରେ ଭୁବନେଶ୍ୱରରେ ୨୧୩ଟି ମକଡ୍ରିଲ୍ କରାଯାଇଛି । ସପିଙ୍ଗ୍ ମଲ୍, ହସ୍ପିଟାଲ, ଶିକ୍ଷାନୁଷ୍ଠାନ, ହୋଟେଲ, ବିମାନବନ୍ଦର, ବରଷ୍ଟାଣ୍ଡ, ରେଳ ଷ୍ଟେସନ, ବଡ଼ ଅଟ୍ଟାଳିକା, ମନ୍ଦିର ସହ ବିଭିନ୍ନ ଜନଗହଳିପୂର୍ଣ୍ଣ ଥିବା ହାଟ, ବଜାରରେ ମକଡିଲ୍ କରାଯାଉଛି । ଏହି ସମସ୍ତ ସ୍ଥାନରେ ଅଗ୍ନିକାଣ୍ଡ ଘଟିଲେ କିଭଳି ଜୀବନ ବଞ୍ଚାଇବେ ତାହାକୁ ନେଇ ପ୍ରଶିକ୍ଷଣ ଦିଆଯାଉଛି । ଭୟାବହ ଅଗ୍ନିକାଣ୍ଡ ଘଟିଲେ କିଭଳି ନିଆଁକୁ ଆୟତ୍ତ କରାଯିବ ଓ ରୋଗୀଙ୍କୁ କିଭଳି ସୁରକ୍ଷିତ ଭାବେ ଉଦ୍ଧାର କରାଯିବ, ସେନେଇ ସୁରକ୍ଷାକର୍ମୀଙ୍କ ସହ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ହାଇଡ୍ରୋଲିକ ସ୍କାଏ ଲିଫ୍ଟ ଲଗାଇ ଫସିଥିବା ବ୍ୟକ୍ତିଙ୍କୁ ଉଦ୍ଧାର ସହ ନିଆଁକୁ ଆୟତ୍ତ କରିବା ଉପରେ ତାଲିମ୍ ଦିଆଯାଉଛି । ସେହିପରି ବନ୍ୟା, ବାତ୍ୟା ଭଳି ବିପତ୍ତି ସମୟରେ ବିପର୍ଯ୍ୟୟରୁ ରକ୍ଷା ଲାଗି ଗ୍ରାମାଞ୍ଚଳର ସ୍ୱେଚ୍ଛାସେବୀ ଓ ସାଧାରଣ ଜନତାଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ସେପଟେ ଯଦି ବାରମ୍ବାର ସେଇ ସଂସ୍ଥାଗୁଡ଼ିକ ଅଗ୍ନିଶମ ବ୍ୟବସ୍ଥା ନ କରୁଥିବାର ପରିଲକ୍ଷିତ ହୁଏ, ସେମାନଙ୍କ ଲାଇସେନ୍ସ ବାତିଲ୍ କରାଯାଉଛି । ଅଗ୍ନିଶମ ଲାଇସେନ୍ସ ନ ନେଇ ଲୋକଙ୍କ ଜୀବନ ସହ ଖେଳ ଖେଳୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ଅଗ୍ନିଶମ ଅଧିକାରୀ ଅବନୀ ସ୍ୱାଇଁ ସୂଚନା ଦେଇଛନ୍ତି ।



# ଭୁବନେଶ୍ୱର ସିଟି



ଖଣ୍ଡଗିରି ଯାତ୍ରା ମହାକୁମ୍ଭ

# ଆଜି ବିଦାୟ ରଜନୀ



**ଭୁବନେଶ୍ୱର, ୨୮।୨(ସମିସ):**

ଆସନ୍ତାକାଲି ସରିବ ଖଣ୍ଡଗିରିର ଅଘୋଷିତ ଯାତ୍ରା ପ୍ରତିଯୋଗିତା। ୧୧ଦିନ ଧରି ଚାଲିଥିବା ଯାତ୍ରା ମହାକୁମ୍ଭରେ ଯବନିକା ପଡ଼ିବ। କମିଟି ଓ ଅପେରା ପାର୍ଟିଙ୍କ ହାତରେ ମାତ୍ର ଦୁଇଦିନ। ଶେଷ ଦୁଇ ଦିନରେ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ବୁଧବାର ରାତିରୁ ସମସ୍ତେ ଲାଗି ପଡ଼ିଥିଲେ। ରାତି ଯେତିକି ବଢୁଥିଲା, ଭିଡ଼ କମିବା ପରିବର୍ତ୍ତେ ବଢୁଥିଲା। ଅଘୋଷିତ ଯାତ୍ରା ପ୍ରତିଯୋଗିତାର ଅଲିଖିତ ନିୟମ ମଧ୍ୟ ରହିଛି। ଯେଉଁ ପାର୍ଟି ନିଜ ନାଟକରେ ଅଧିକ ଦିନ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧିରଖିବ ସେହି ପାର୍ଟି ବର୍ଷକ ପାଇଁ ବେଶ୍ ନାଁ କମାଇବ। ତେଣୁ ସବୁ ପାର୍ଟି ଦର୍ଶକଙ୍କୁ ଆକର୍ଷିତ କରିବା ଲାଗି ଫୁଲ୍ ଦମ୍‌ରେ କସରତ କରୁଛନ୍ତି। ଶେଷ ପର୍ଯ୍ୟାୟ ଲଢ଼େଇ ଦେଖିବାକୁ ଦର୍ଶକଙ୍କ ଭିତରେ ମଧ୍ୟ ବେଶ୍ ଆଗ୍ରହ ଦେଖିବାକୁ ମିଳୁଛି। ଏହାରି ଭିତରେ ଶିବାନୀ ଓ ସୂର୍ଯ୍ୟ ମନ୍ଦିର ତାଙ୍କର ବହି ବଦଳାଇଛନ୍ତି। ସନାତନ ସେବା ସମିତି ପେଣ୍ଡାଲରେ ଚାରିଦିନ ଧରି 'ତୁ ରାଜା ଝିଅ ମୁଁ ରିକ୍ସାବାଲା' ନାଟକ ପରିବେଷଣ କରି ସଫଳତା ପାଇବା ପରେ ବୁଧବାର ରାତିରେ ଅନୁଷ୍ଠାନ ଦୀପକ ଜେନାଙ୍କ ରଚିତ 'ତୋ ହାତ ଧରି ବାଟ ଚାଲୁଥିବି' ନାଟକ ଭେଟି ଦେଇଛି।

## ବହି ବଦଳାଇଲେ ସୂର୍ଯ୍ୟ, ଶିବାନୀ

ସେହିପରି ଶିବାନୀ ଗଣନାଟ୍ୟ ତାର ଷଷ୍ଠ ରଜନୀରେ 'ଅଲି ଅଲି ରାଜଜେମା' ନାଟକକୁ ନେଇ ଖଣ୍ଡଗିରି ମଇଦାନକୁ ଓହ୍ଲାଇଛି। ଅନ୍ୟପଟରେ ସାଇ ନୀଳାଦ୍ରି ଯାତ୍ରା କମିଟି ମଞ୍ଚରେ ନାଚୁଥିବା ରଙ୍ଗ ମହଲ ମଙ୍ଗଳବାର ରାତିରେ ବହି ବଦଳାଇଥିବା ବେଳେ ଆଜି ପୁଣି ସେହି ନାଟକକୁ ରିପିଟ୍ କରିଛି। 'ମୁଁ ଗୋଟେ ଝିଅର ବାପ' ନାଟକ ଦର୍ଶକଙ୍କୁ ଭେଟି ଦେଇଛି। ସେପଟେ ତୁଳସୀ, ସ୍ୱପ୍ନ ମହଲ ଓ ସ୍ୱର୍ଣ୍ଣ ମହଲ ପଞ୍ଚମ ଦିନରେ ମଧ୍ୟ ସମାନ ନାଟକ ପରିବେଷଣ କରିଛନ୍ତି। ତୁଳସୀ ଗଣନାଟ୍ୟ ସମାନ ନାଟକ ପରିବେଷଣ କରିଛି। 'ଅଧା ରାତିର ସାଥି' ନାଟକ ମଞ୍ଚସ୍ଥ କରିଛି। ଲଗାତାର ୫ଦିନ ଧରି ସମାନ ନାଟକ ପରିବେଷଣ ହେଉଥିଲେ ମଧ୍ୟ ଦର୍ଶକଙ୍କ ମଧ୍ୟରେ ଆଗ୍ରହ ବଢୁଥିବା ଦେଖିବାକୁ ମିଳୁଛି। ସେହିପରି ମଙ୍ଗଳା ଯୁବ ପରିଷଦ ମଞ୍ଚରେ ଖେଳୁଥିବା ସ୍ୱର୍ଣ୍ଣ ମହଲ 'କେତେ ଦୁଃଖ ଦବୁ ଦେରେ କାଳିଆ' ନାଟକକୁ ନେଇ ପଞ୍ଚମ ରାତିରେ ମଇଦାନକୁ ଓହ୍ଲାଇଛି। ସୁବାଷ, କାବେରୀ, ଅଜୁ, ଅପୁଙ୍କ ଅଭିନୟ ଓ ଖଳନାୟକ ଜ୍ଞାନଙ୍କ ଡାଇଲଗ୍ ଦର୍ଶକଙ୍କୁ ନାଟକ ଦେଖିବାକୁ ବାଧ୍ୟ କରିଥିଲା। ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ମଧ୍ୟ 'କେତେ କାନ୍ଦିବୁରେ ଗୌରା ଦାସ' ନାଟକ ମଞ୍ଚସ୍ଥ ହୋଇଛି। ପଞ୍ଚମ ରାତିରେ ସମାନ ନାଟକ ରିପିଟ୍ ହୋଇଛି। ଗୌରା, ନମିତା, ସୁଇଟି, ରାଧା, ସାନ ସତ୍ୟଙ୍କ ଅଭିନୟ, ଖଳନାୟକ ଭୂମିକାରେ ବଡ଼ ସତ୍ୟ ଓ ନରି, ଦିନା ଓ ମାମୁନିଙ୍କ ଦମ୍‌ଦାର କମେଡି ଦେଖିବାକୁ ମିଳିଛି।

## କେତେ ଦୁଃଖ ଦବୁ ଦେ'ରେ କାଳିଆ

### ଆଜିର କାହାଣୀ

ମା' ମଙ୍ଗଳା ଯୁବ ପରିଷଦ ମଞ୍ଚରେ ସ୍ୱର୍ଣ୍ଣ ମହଲଙ୍କ ଆଶୁତୋଷ ମହାପାତ୍ରଙ୍କ ରଚନା ଓ ନିର୍ଦ୍ଦେଶନାରେ ପ୍ରସ୍ତୁତ ନାଟକ 'କେତେ ଦୁଃଖ ଦବୁ ଦେରେ କାଳିଆ' ମଞ୍ଚସ୍ଥ କରୁଛି। ସୁବାସ, ଜ୍ଞାନ ଓ ନବ ଏକ ଅପରାଧିକ ଗ୍ୟାଙ୍ଗ ଗଢ଼ି ଚୋରି, ଡକାୟତି ଠାରୁ ଆରମ୍ଭ କରି ବିଭିନ୍ନ ବେଆଇନ କାମରେ ଲିପ୍ତ ରୁହନ୍ତି। କାବେରୀର ବିବାହ ଦିନ ସୁବାସ ତାଙ୍କ ଘରେ ପଶି ସୁନା ଅଳଙ୍କାର ଚୋରି କରୁଥିବା ବେଳେ ଏହା ଦେଖି କାବେରୀଙ୍କ ବାପା ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି ଓ ଝିଅର ବାହାଘର ସ୍ୱପ୍ନ ଧୂଳିସାତ୍ ହୋଇଯାଉଛି। ତେବେ ଏହି ସମୟରେ କାବେରୀ, ଯିଏକି ସୁବାସଙ୍କ ଭଉଣୀର ସାଙ୍ଗ ସେ ସୁବାସଙ୍କୁ ଚିହ୍ନିପକାଇଛନ୍ତି। ଅଉ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଛନ୍ତି। ସେହିଠାରୁ ସୁବାସଙ୍କ ପରିବର୍ତ୍ତନ ହୋଇଛି। କାବେରୀଙ୍କ ହୃଦୟରେ ପ୍ରେମର ରଙ୍ଗ ବୋଳି ନୂଆ ସ୍ୱପ୍ନ ଦେଖାଇଛନ୍ତି। ଉଭୟ ବିବାହ କରିବା ସହ ଏକ କନ୍ୟା ସନ୍ତାନ ଜନ୍ମ ନେଉଛି। ପରେ ପରେ କାବେରୀ ଗୁରୁତର ଅସୁସ୍ଥ ହୋଇଛନ୍ତି। ଟ୍ୟୁମର ଅପରେସନ ପାଇଁ ୩ଲକ୍ଷ ଟଙ୍କା ଦରକାର ବୋଲି ଡାକ୍ତର କହିଛନ୍ତି। ପତ୍ନୀଙ୍କ ଜୀବନ ବଞ୍ଚାଇବାକୁ କୌଣସି ଉପାୟ ନପାଇ ଅନ୍ୟଜଣଙ୍କ ୨୧ ଦିନର ପିଲାକୁ ଅପହରଣ କରି ଟଙ୍କା ମାଗୁଛନ୍ତି ସୁବାସ। ହେଲେ ଟଙ୍କା ପାଇବା ପରେ ଦୁର୍ଭାଗ୍ୟବଶତଃ ପିଲାଟି ମୃତ୍ୟୁବରଣ କରୁଛି। ସେପଟେ ସୁବାସଙ୍କ ପରିବର୍ତ୍ତନକୁ ଜ୍ଞାନ ଗ୍ରହଣ କରି ପାରୁନାହାନ୍ତି। ଫଳରେ ସେ କାବେରୀଙ୍କୁ ହତ୍ୟା କରୁଛନ୍ତି। ସେଠାରୁ ନବ ମଧ୍ୟ ପରିବର୍ତ୍ତନ ହେଉଛନ୍ତି। କାବେରୀଙ୍କ ମୃତ୍ୟୁପରେ ସୁବାସ ଚୋରି କରିଥିବା ଛୁଆ ବଦଳରେ ନିଜ ଛୁଆକୁ ସେହି ପରିବାର ହାତରେ ଟେକି ଦେଇ ପୁରୁଣା ଅପରାଧରେ ଜେଲ୍ ଚାଲି ଯାଉଛନ୍ତି। ଜ୍ଞାନ ମଧ୍ୟ ପୁରୁଣା ଅପରାଧରେ ଜେଲ୍ ଯାଉଛନ୍ତି। ଜ୍ଞାନ ଜେଲ୍ ଯିବାପରେ ତାଙ୍କ ପୁଅକୁ ନବ ପାଳି ପୋଷି ଇନ୍ସପେକ୍ଟର କରୁଛନ୍ତି। ସୁବାସ ଜେଲରୁ ଫେରିବା ବେଳକୁ ଝିଅ ବଡ଼ ହୋଇ ଆଇପିଏସ୍ ଅଫିସର ହୋଇଛି। ହେଲେ ଝିଅ ତାଙ୍କୁ ଜାଣି ପାରୁନାହିଁ। ମୃତ୍ୟୁ ପୂର୍ବରୁ ବାପା-ଝିଅଙ୍କ ପରିଚୟ ହୋଇଛି ଓ ଜଗନ ଭୂମିକାରେ ଅଭିନୟ କରିଥିବା ସୁବାସଙ୍କ ମୃତ୍ୟୁ ହୋଇଛି। ସେପଟେ ଜ୍ଞାନଙ୍କ ପୁଅ ନବଙ୍କ ପାଖରେ ରହି ପୁଲିସ ଇନ୍ସପେକ୍ଟର ହେଉଛି। ହେଲେ ନବଙ୍କ ଉପରେ ଥିବା ରାଗ ସୁଝାଇବାକୁ ଯାଇ ଜ୍ଞାନ ତାକୁ ଛୁରିରେ ଆକ୍ରମଣ କରୁଛନ୍ତି। ଯେତେବେଳେ ଜ୍ଞାନ ଜାଣିଛନ୍ତି ଯେ ଯାହାକୁ ଛୁରିରେ ଆକ୍ରମଣ କରି ମାରିଦେବାକୁ ଉଦ୍ୟମ କରିଥିଲେ ସେ ତାଙ୍କରି ପୁଅ ବୋଲି ସେତେବେଳେ ନିଜ ଦେହରେ ନିଜେ ଛୁରି ଭୁସି ହୋଇ ଆତ୍ମହତ୍ୟା କରୁଛନ୍ତି।



## ଖଣ୍ଡଗିରି ଗପ

### ପାହାଡ଼ମୁହାଁ ପ୍ରେମୀ ଯୁଗଳ, ଜନବସତି ମୁହାଁ ମାଙ୍କଡ଼

ଏବେ କୁମ୍ଭମେଳା ସରିଲାଣି। ବାବାଜୀ ବି ବିଦାୟ ନେଲେଣି। ହେଲେ ସାରାରାତି ପାହାଡ଼ ତଳେ ଯାତ୍ରା ପେଣ୍ଡାଲ ଦୁଲୁକୁଛି। ପେଣ୍ଡାଲ ଯେତିକି ଗହଳି ହେଉନି ପାହାଡ଼ ତଳେ କିଛି ଅଧିକ ଭିଡ଼ ହେଉଛି। ବିଶେଷକରି ଯାତ୍ରା ଦେଖିବା ବାହାନାରେ ଆସୁଥିବା ପ୍ରେମୀଯୁଗଳ ସମୟ ସୁବିଧା ଦେଖି ପାହାଡ଼ ଆଡ଼େ ପଳଉଛନ୍ତି। ସେଇଠି ସାରାରାତି ଦୁଃଖସୁଖ ହେବାର ଦୃଶ୍ୟରେ ଦେଖିବାକୁ ମିଳୁଛି। ମୋଟାମୋଟି କହିଲେ କେହିଯଦି ପାହାଡ଼ ଆଡ଼େ ଚାଲିଯାଉଛି ଚଳନ୍ତି ଯୁଗଳ ପ୍ରତିମାର ଅବିକଳ ଦୃଶ୍ୟ ଦେଖିବାର ସୌଭାଗ୍ୟ ଲାଭ କରୁଛି। ଚଳଚଞ୍ଚଳ ଖଣ୍ଡଗିରି ପାହାଡ଼ରେ ପ୍ରେମୀ ଯୁଗଳଙ୍କ ଏମିତି କାଣ୍ଡ କୁଆଡ଼େ ମାଙ୍କଡ଼ଙ୍କ ପାଇଁ ଅସହ୍ୟ ହେଲାଣି। ପାହାଡ଼ ତଳ ଭିଡ଼ ବଢ଼ିବା ସାଙ୍ଗକୁ ମାଙ୍କଡ଼ମାନେ କିନ୍ତୁ ଏସବୁ କୋଳାହଳ ସହିପାରୁ ନାହାନ୍ତି। କିଛିଦିନ ହେଲା ଖଣ୍ଡଗିରି ମାଙ୍କଡ଼ ସହର ଭିତରର ଜନବସତି ମୁହାଁ ହୋଇଛନ୍ତି। ଦଳଦଳ ମାଙ୍କଡ଼ ଦିନ ନାଇଁ ରାତି ନାହିଁ ଆଖପାଖ ଅଞ୍ଚଳରେ ଉତ୍ପାତ କରୁଛନ୍ତି। କାହାବାଡ଼ିରେ କଦଳୀ ରଖେଇ ଦଉନାହାନ୍ତି ତ ଆଉ କାହାବାଡ଼ିରେ ଗଛପତ୍ର ରଖେଇ ଦଉନାହାନ୍ତି। ଏମିତି କି କାହା ଘରେ ବି ପଶି ଯାଉଛନ୍ତି ଲୋକେ ବି ତ୍ରାହି ତ୍ରାହି ଡାକିଲେଣି। ବାନର ସେନା ଏମିତି ଅବସ୍ଥା କଲେଣି ଯେ, ଆମ କଳିଙ୍ଗ ବିହାର ଅଞ୍ଚଳର ମାଆମାନେ କାମଧନ୍ଦା ଛାଡ଼ି ବାଡ଼ି ଧରି ଜଗିବସୁଛନ୍ତି।

-ବରୁଣ

## 'ଯାତ୍ରା ପାଇଁ ଇଂରାଜୀରେ ପିଜି କରିପାରିଲିନି'

**ଖଣ୍ଡଗିରି ଯାତ୍ରା ମହାକୁମ୍ଭ ଅବସରରେ ଯଲିଉଡ୍‌ର ଚର୍ଚ୍ଚିତ ନାୟକ ବିନୋଦଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସ୍ୱତନ୍ତ୍ର ସାକ୍ଷାତକାର।**



**ଯାତ୍ରା ଜଗତକୁ କେବେଠାରୁ କେମିତି ଆସିଲେ ?**

- ଗ୍ରାଜୁଏସନ୍ ପାଠପଢ଼ିବା ସମୟରେ କଲେଜରେ ଡ୍ରାମାଟିକ୍ ସେକ୍ରେଟାରୀ ଥିଲି। ସିନେମା ଅଭିନୟ କରିବାକୁ ମୋର ଇଚ୍ଛା ଥିଲା। କିନ୍ତୁ ସିନେମାରେ କମ୍ ସୁଯୋଗ ଥିଲା। ସେହି ସମୟରେ ମୋ ବନ୍ଧୁମାନେ ଯାତ୍ରାକୁ ଆସିବା ପାଇଁ ପ୍ରବର୍ତ୍ତାଇ ଥିଲେ। ୧୯୯୫ ମସିହାରେ କଳା ବିକାଶ କେନ୍ଦ୍ରରେ ଡ୍ରାମା କରୁଥିବା ସମୟରେ ଯାତ୍ରା ପାର୍ଟି ମାଲିକ ଡାକିଲେ। ଏହାପରେ ଇଂରାଜୀରେ ପିଜି କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇ ଥିଲି, ହେଲେ ନାଟକ ପାଇଁ ପରୀକ୍ଷା ଦେଇ ପାରି ନ ଥିଲି।

**ଖଣ୍ଡଗିରି ଯାତ୍ରାକୁ ନେଇ ଅନୁଭୂତି କ'ଣ ?**

- ଖଣ୍ଡଗିରି ହେଉଛି ଏପରି ଜାଗା ଯେଉଁଠି ସାରା ଓଡ଼ିଶା ସମେତ ରାଜ୍ୟ ବାହାରର ଯାତ୍ରାପ୍ରେମୀ ଆସନ୍ତି। ମୁଁ ପ୍ରାୟ ୨୫ ବର୍ଷ ହେବ ଖଣ୍ଡଗିରି ଯାତ୍ରାକୁ ଆସିଲି । ପୂର୍ବରୁ ଏତେ ଯାତ୍ରା ପାର୍ଟି ନଥିଲା କି ଏତେ ଲୋକ ଖଣ୍ଡଗିରିକୁ ଆସୁ ନ ଥିଲେ।

**ନାଟକରେ ଅଶ୍ଳୀଳତାକୁ ନେଇ ଆପଣଙ୍କ ମତ କ'ଣ ?**

- ମୁଁ କେବେ ବି ଅଶ୍ଳୀଳତା ସପକ୍ଷରେ ନୁହେଁ। ଆମେ ଯେତେବେଳେ ଯାତ୍ରାକୁ ଆସିଥିଲୁ ସେତେବେଳେ ଏସବୁ ନ ଥିଲା, କିନ୍ତୁ ଲୋକ ନାଟକ ଦେଖୁଥିଲେ। କୋଉଠି ଯଦି ଆମକୁ ଅଶ୍ଳୀଳତା ଥିବା ଅନୁଭବ ହେଉଥିଲା ଆମେ ତାକୁ ବିରୋଧ କରି କାଟି ଦେଉଥିଲୁ। ଆଜିର ଦିନରେ ଅଶ୍ଳୀଳତା ଏପରି ସ୍ଥିତିରେ ପହଞ୍ଚିଛି ଯେ, ଆଖି ଦେଖି ପାରିବନି କି କାନ ଶୁଣି ପାରିବନି ।

**ରେକର୍ଡ ଡ୍ୟାନ୍ସକୁ ବାଦଦେଇ ଯାତ୍ରା ମଞ୍ଚ ସମ୍ଭବ କି ?**

- ଆମେ ଥରେ ରେକର୍ଡ ଡ୍ୟାନ୍ସ ଉଠାଇ ପୌରାଣିକ କଥା ପରିବେଷଣ କରିଥିଲୁ, ଯେଉଁଟା କି କଳା ଦୃଷ୍ଟିରୁ ଭଲ ଲାଗିଥିଲା କିନ୍ତୁ ବ୍ୟବସାୟିକ ହିସାବରେ ସେତିକି ସଫଳତା ମିଳିଲା ନାହିଁ। ତେଣୁ ଆଜିର ଦିନରେ ଆବଶ୍ୟକତା ଦୃଷ୍ଟିରୁ ରେକର୍ଡ ଡ୍ୟାନ୍ସ ରହୁ କିନ୍ତୁ ଅଶ୍ଳୀଳତା ନ ରହୁ। ଯେହେତୁ ଯାତ୍ରାଟା ଲାଇଭ୍, ତାହା ଲୋକଙ୍କ ଉପରେ ପ୍ରଭାବ ପକାଏ। ଅଶ୍ଳୀଳତା ପ୍ରଦର୍ଶନ ହେଲେ ମୋତେ ଲାଗେ, ଯେମିତି ଆମେ ଲୋକଙ୍କୁ ଖରାପ ଜିନିଷ ପାଇଁ ଆକୃଷ୍ଟ କରୁଛନ୍ତି।

**ଆପଣଙ୍କ ପରିବାରରେ ଯାତ୍ରା କ'ଣ ପ୍ରଭାବ ପକାଇଛି ?**

- ଯାତ୍ରା ହେଉଛି ଯାଯାବର ଜୀବନ। ତେଣୁ ଆମେ ଗୋଟିଏ ଜାଗାରେ ରହି ପାରୁନା। ପୂର୍ବରୁ ୨୦/୨୨ ଦିନ ଛୁଟି ମିଳୁଥିଲା ହେଲେ ଏବେ ମାତ୍ର ୫/୬ ଦିନ ମିଳୁଛି। ଫଳରେ ପରିବାର କଥା ମନେପଡ଼ିଲେ କଷ୍ଟ ହୁଏ। ଯେତିକି ସମୟ ତାଙ୍କ ସହିତ ସମୟ ବିତାଏ ବହୁତ ଆନନ୍ଦ ମିଳେ।

**ଲୋକ ନାଟକ ଅପେକ୍ଷା ଗୋଟିଏ ସିନ୍‌କୁ ଫୋକସ୍ କରୁଛନ୍ତି କି ?**

- ପୂର୍ବ କାହାଣୀ ଓ ଏବେର କାହାଣୀ ଭିତରେ ବହୁତ ଫରକ୍। ସିନ୍‌କୁ ଫୋକସ୍ କଲେ ଅଢ଼େଇ ଦିନିଆ। କୋଉଠି ଗୋଟେ ସିନ୍‌କୁ ଫୋକସ୍ କରିକି ହାଇଲାଇଟ୍ କରିଦିଆ ଯାଉଛି। ଲୋକ ଆସି ଦେଖି ସାରିବା ପରେ ଚର୍ଚ୍ଚା କରୁଛନ୍ତି, ନାଟକରେ ତ ଏତେ ଦମ୍ ନାହିଁ । ବେଳେବେଳେ ନାଟକର ଦମ୍ ଏମିତି ଏମିତି ଥାଏ ଯେ, ଲୋକ କଳାକାରକୁ ଦେଖନ୍ତି ନାହିଁ। ପୁଣି କେବେ କଳାକାରକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମେ। ତେଣୁ ସମସ୍ତେ ସମସ୍ତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛୋଟ ଛୋଟ ଆନୁଷ୍ଠାନରେ ମଧ୍ୟ ଭଲ ନାଟକ ହେଉଛି, ହେଲେ ତାହା କ୍ଲିକ୍ କରିପାରିନାହିଁ। ଏବେର ସ୍ଥିତିରେ କାହାଣୀ ଭଲ ହେବା ସହିତ ତାହା ବଡ଼ ଅନୁଷ୍ଠାନରେ ପରିବେଷଣ ହେବା ଦରକାର।

**ନବାଗତାଙ୍କ ପାଇଁ ବରିଷ୍ଠ ବାଧକ ସାଜିଛନ୍ତି କି ?**

- କିଏ କ'ଣ କରନ୍ତି ମୁଁ ଜାଣିନାହିଁ । କିନ୍ତୁ ମୁଁ ଯଦି କୌଣସି ନବାଗତାଙ୍କ ଭିତରେ କଳାକୁ ଦେଖେ, ତାହାଲେ ତା ପିଛା ଛାଡ଼େନି। ପ୍ରତିଟି ମୁହୂର୍ତ୍ତରେ ତାକୁ ଶିଖାଉଥାଏ, ଯେଉଁ ପର୍ଯ୍ୟନ୍ତ ସେ ଠିକ୍ ଭାବେ କରିପାରିନାହିଁ। ବହୁତ ନବାଗତା ଆସି କମ୍ ସମୟରେ ନାମ କରିଛନ୍ତି। ତେଣୁ ନବାଗତଙ୍କ ରାସ୍ତାରେ କେହି ବି କଣ୍ଟା ନୁହନ୍ତି ।

**ନାଟକର ମାନ କମିଛି କି ?**

- ଓଡ଼ିଶାରେ ଯାତ୍ରା ହେଉଛି ମନୋରଞ୍ଜନର ଏକ ପ୍ରମୁଖ ମାଧ୍ୟମ। ତାକୁ ଆମେ ଠିକ୍ ଢଙ୍ଗରେ ରଖିବା ଦରକାର। ସେତେବେଳେ ପ୍ରାୟ ନାଟକ ହିଟ୍ ହେଉଥିଲା କିନ୍ତୁ ଏବେ ହେଉନାହିଁ । ଏବେର କାହାଣୀ ଆଉ ପୂର୍ବ କାହାଣୀ ଭଳି ଲୋକଙ୍କ ମନକୁ ଛୁଇଁ ପାରୁନାହିଁ। ମାଲିକ, ମ୍ୟାନେଜର, ଲେଖକଙ୍କ ମଧ୍ୟରେ ସମନ୍ୱୟ ରହିଲେ ଯାଇ ଭଲ କାହାଣୀ ଟିଏ ହୋଇପାରିବ।

# ବସ୍ତି ବୁଲିଲେ ବିଲ୍ ଗେଟ୍‌ସ



**ଭୁବନେଶ୍ୱର, ୨୮ ।୨(ସମିସ):** ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟସ୍‌ଙ୍କ ଓଡ଼ିଶା ଗସ୍ତର କାର୍ଯ୍ୟସୂଚୀରେ ସ୍ଥାନ ପାଇଥିଲା ବିଜୁ ଆଦର୍ଶ କାଲୋନୀର ମା' ମଙ୍ଗଳା ବସ୍ତୀ ପରିଦର୍ଶନ। ରାଜଧାନୀର ବିଭିନ୍ନ ବସ୍ତିର ରୂପାନ୍ତରଣ କାର୍ଯ୍ୟ ସାରା ବିଶ୍ୱରେ ଚର୍ଚ୍ଚା ହେଉଥିଲା ବେଳେ ଶ୍ରୀ ଗେଟସ୍ ମା' ମଙ୍ଗଳା ବସ୍ତିରେ ପ୍ରାୟ ଏକ ଘଣ୍ଟା ସମୟ ବିତାଇଥିଲେ। ଏହି ସମୟରେ ବସ୍ତିର କିଛି ମହିଳାମାନଙ୍କ ସହ ସେ ଆଲୋଚନା କରିଥିଲେ। ପୂର୍ବରୁ ବସ୍ତି କିଭଳି ଥିଲା। ବସ୍ତିର ରୂପାନ୍ତରଣ ପରେ ଲୋକଙ୍କ ଜୀବନରେ କିଭଳି ପରିବର୍ତ୍ତନ ଆସିଲା ଏହାକୁ ନେଇ ସେ ପଚାରି ବୁଝିଛନ୍ତି। ବସ୍ତିବାସିନ୍ଦା ମଧ୍ୟ ତାଙ୍କ ପ୍ରଶ୍ନର ଉତ୍ତର ଦେଉଥିବା ଦେଖିବାକୁ ମିଳିଥିଲା। ସେ କେବଳ ବସ୍ତି ଭିତରକୁ ଯାଇ ଆଲୋଚନା କରି ନ ଥିଲେ ବରଂ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ଏବଂ ଶୌଚାଳୟ ପରିଚାଳନା ସମ୍ପର୍କରେ ବୁଲି ଦେଖିଥିଲେ। ଏହି ଗସ୍ତ ବେଳେ ତାଙ୍କ ସହ ରାଜ୍ୟର ଉନ୍ନୟନ କମିସନର ଅନୁ ଗର୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଜି.ମାଥିଭାଥନନ୍ ଉପସ୍ଥିତ। ବରିଷ୍ଠ ଅଧିକାରୀମାନେ ବସ୍ତିର ରୂପାନ୍ତରଣ ସମ୍ପର୍କରେ ସେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ବସ୍ତି ରୂପାନ୍ତରଣ ପଛରେ ମୁକ୍ତା ଓ ଜାଗା ମିଶନ ଭଳି ଯୋଜନାର ପ୍ରମୁଖ ଭୂମିକା ରହିଛି। ଏହି ଯୋଜନା ଦ୍ୱାରା ବସ୍ତିରେ ବିକାଶମୂଳକ କାର୍ଯ୍ୟ ହୋଇଛି। ଯୋଜନାରେ କିଭଳି ଲୋକଙ୍କୁ ଥଇଥାନ କରାଯାଇଛି ସେନେଇ ବିଲ୍ ଗେଟସ୍ ଅନୁଧ୍ୟାନ କରିଛନ୍ତି। ଜାଗା ମିଶନରେ କିପରି ଲୋକ ଜମି ଅଧିକାର ପାଇଛନ୍ତି। ମୁକ୍ତା ଯୋଜନା ଦ୍ୱାରା ଲୋକେ କିଭଳି ଆତ୍ମନିର୍ଭରଶୀଳ ହୋଇଛନ୍ତି ସେ ସମ୍ପର୍କରେ ପଚାରିବୁଝିଛନ୍ତି। ବସ୍ତି କିପରି ସଫା ଅଛି, ଲୋକଙ୍କୁ କିପରି ଭଲ ପାନୀୟ ଜଳ ମିଳୁଛି। ବସ୍ତି ବାସିନ୍ଦାଙ୍କ ଉନ୍ନତ ଜୀବନ ଶୈଳୀରେ କିପରି ପରିବର୍ତ୍ତନ ଆସିଛି। ଏଥିରେ ସରକାରଙ୍କ ଭୂମିକା କ'ଣ ରହିଛି, ଏହାକୁ କିପରି ସୂଚାରୁ ରୂପେ କାର୍ଯ୍ୟକାରୀ କରାଯାଇଛି ସେ ନେଇ ମଧ୍ୟ ଆଲୋଚନା କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବସ୍ତିରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ବୁଲିବା ସହ ସେ ପିଲାମାନଙ୍କ କିଛି ସମୟ ବିତାଇ ଥିଲେ। ଏହି ବ୍ୟବସ୍ଥା ଅନ୍ୟ ଦେଶରେ କିପରି ଲାଗୁ କରାଯିବ ସେ ନେଇ ବିଲ ଗେଟସ୍ ଉଦ୍ୟମ କରିବେ ବୋଲି ଜଣାପଡ଼ିଛି।

# ରାଜଧାନୀକୁ ନୂଆରୂପ ଦେଉଛି 'ମୁକ୍ତା'

**ଭୁବନେଶ୍ୱର, ୨୮ ।୨(ସମିସ):**

ସହରକୁ ନୂଆ ରୂପ ଦେଉଛି ମୁକ୍ତା। ଏହି ଯୋଜନା ଜରିଆରେ ସହରର ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଉଥିଲା ବେଳେ ସହରବାସୀଙ୍କ ସ୍ୱାସ୍ଥ୍ୟ ପିଲାଙ୍କ ମନୋରଞ୍ଜନକୁ ମଧ୍ୟ ବିଶେଷଭାବେ ଧ୍ୟାନ ଦିଆଯାଉଛି। ଜୁଆଡ଼େ ଦେଖିଲେ ଜିମ୍ ଓ ପିଲାଙ୍କ ଖେଳିବା ସ୍ଥାନକୁ ନିର୍ମାଣ କରାଯାଉଛି। ମୁକ୍ତାର ପ୍ରଥମ ପର୍ଯ୍ୟାୟରେ ୧୦୨ସ୍ଥାନରେ ୫୪୦ଉପକରଣ ପ୍ରତିଷ୍ଠା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୯୨ସ୍ଥାନରେ ୬୫୦ରୁ ଅଧିକ ବ୍ୟାୟାମ ଓ ଖେଳ ଉପକରଣ ସ୍ଥାପନ କରାଯିବା ପାଇଁ ଅନୁମୋଦନ କରାଯାଇଛି। ବେଳେ ସେଥିମଧ୍ୟରୁ ପ୍ରାୟ ୮୦ପ୍ରତିଶତ ସ୍ଥାନରେ ଉପକରଣମାନ ସ୍ଥାପନ ହୋଇ ଏହାର ଗୋଷ୍ଠୀ ଉପଯୋଗିତା ବେଶ ବୃଦ୍ଧି ପାଇଛି। ଏପରିକି ବିଭିନ୍ନ ସ୍ଥାନରେ ଯଦି କୌଣସି ଅସୁବିଧା ବା ଅକାମୀ ହେବାର ସୂଚନା ଆସୁଛି, ତେବେ ତୁରନ୍ତ ସେଗୁଡ଼ିକର ସମାଧାନ କରାଯାଉଛି। ଗୋଷ୍ଠୀ ସହଭାଗିତାରେ ବିକାଶର ଏହା ଏକ ନିଚ୍ଛକ ଉଦାହରଣ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଏଭଳି ଗୋଷ୍ଠୀ ସହଭାଗିତା ବିଏମ୍‌ସି ଅଞ୍ଚଳର ବିକାଶକୁ ଆଗେଇ ନେବ ବୋଲି ବିଏମ୍‌ସି କମିସନର୍ ରାଜେଶ ପ୍ରଭାକର ପାଟିଲ କହିଛନ୍ତି। ବିଏମ୍‌ସି ଅଞ୍ଚଳର ୬୭ୱାର୍ଡରେ ଥିବା ପାର୍କ, ଖେଳ ପଡ଼ିଆ, ବିଜୁ ଆଦର୍ଶ କଲୋନୀ, ଆବାସିକ ଅଞ୍ଚଳ ଏବଂ ରାସ୍ତାକଡ଼ ଇତ୍ୟାଦିରେ ବର୍ତ୍ତମାନ ଦେଖିବାକୁ ମିଳୁଛି ମାଳମାଳ ବ୍ୟାୟମ ଉପକରଣ।

ବିଏମ୍‌ସି ପକ୍ଷରୁ କୁହାଯାଇଛି, ହଜାର ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସଦସ୍ୟାମାନଙ୍କୁ ସ୍ୱାବଲମ୍ବୀ କରାଇବା ସହ ଜୀବନର ନୂତନ ରାହା ଦେଖାଇଛି ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା (ମୁକ୍ତା)। ମୁକ୍ତା ଜରିଆରେ ବିଏମ୍‌ସି ଅଞ୍ଚଳର ବହୁ ଉନ୍ନୟନମୂଳକ କାମ ହେବା ସହ ମା'ମାନଙ୍କର ଭାଗିଦାରିତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଅପରପକ୍ଷେ ଏହି ଯୋଜନା, ସହରରେ ବସବାସ କରୁଥିବା ବହୁ ଶ୍ରମିକଙ୍କୁ କର୍ମ ଯୋଗାଇବାରେ ବେଶ ସହାୟକ ହୋଇପାରିଛି। କାରଣ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟ କେବଳ ଏସ୍‌ଏଚ୍‌ଜିଙ୍କୁ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି। '୫-ଟି' ଆଧାରରେ ସ୍ୱଚ୍ଛତାର ସହ ଗୁଣାମାନ ବଜାୟ ରଖି ରୂପାନ୍ତରୀକରଣ କରିବା ପାଇଁ ମଝିରେ କୌଣସି ଠିକାଦାରଙ୍କର ସ୍ଥାନ ନାହିଁ। ଫଳରେ କାମକୁ ସରସ, ସୁନ୍ଦର ଓ ଚିତାକର୍ଷକ କରିବା ସହ ମହିଳାମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବେ। ଅର୍ଥାତ ଓଡ଼ିଶା ମୁକ୍ତା ପାଇଁ ଆଜି ସମଗ୍ର ବିଶ୍ୱରେ ରୋଲ ମଡେଲ ହୋଇପାରିଛି। ମୁକ୍ତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ଆଧୁନିକ ଜ୍ଞାନକୌଶଳ ମଧ୍ୟ ଯୋଗାଇ ଦିଆଯାଉଛି ବୋଲି ଦାୟିତ୍ୱରେ ଥିବା ଡେପୁଟି କମିସନର୍ ଡକ୍ଟର ମନୋରଞ୍ଜନ ସାହୁ କହିଛନ୍ତି।

### ରାସ୍ତା କଡ଼ରେ ଜିମ୍, ଶିଶୁଙ୍କ ପାଇଁ ଖେଳ ଉପକରଣ







# ପହିଲାରେ ବରମୁଣ୍ଡା ବସ୍ ଟର୍ମିନାଲ ଲୋକାର୍ପଣ




ଭୁବନେଶ୍ୱର, ୨୮ ।୨(ସମିସ):

ଆସନ୍ତା ୧ ତାରିଖରେ ଲୋକାର୍ପଣ ହେବ ବାବା ସାହେବ ଭୀମ ରାଓ ଆମ୍ବେଦକର ବସ୍ ଟର୍ମିନାଲର। ବିଡିଏ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଲୋକାର୍ପଣ କରିବା ନେଇ ସୂଚନା ମିଳିଛି। ପ୍ରବେଶରୁ ପ୍ରସ୍ଥାନ ବସ ବେ'ରୁ ଆହାର କେନ୍ଦ୍ର ସବୁଠି ଚକାଚକ୍ ହୋଇଛି। ଯାତ୍ରୀଙ୍କୁ ଏଠାରେ ବିମାନ ବନ୍ଦର ଭଳି ଅନୁଭୂତି ମିଳିବ। ନବୀନ ଓଡ଼ିଶାର ନୂଆରୂପ ଭାବେ ଅନ୍ତଃରାଜ୍ୟ ବରମୁଣ୍ଡା ବସ୍ ଟର୍ମିନାଲ୍ ଉଭା ହେଉଛି। ବିଏସ୍‌ବିଟି ବରମୁଣ୍ଡାର କୋଣ ଅନୁକୋଣରେ ହାଇଟେକ୍ ବ୍ୟବସ୍ଥା କରାଯାଇଛି। ଫୁଡ୍ କୋର୍ଟ ସହ ବୈଦ୍ୟୁତିକ ଶିଡ଼ି, ଲିଫ୍ଟ ଲଗାଯାଇଛି। ବିଏସ୍‌ବିଟିର କୋଠାରେ ଲେଖାଯାଇଥିବା 'ଭୁବନେଶ୍ୱର' ସାଙ୍ଗକୁ ବସ ଚିହ୍ନ ଖୁବ୍ ଆକର୍ଷିତ ଲାଗୁଛି। ଆଖି ସାମ୍ନାରେ ଅତ୍ୟାଧୁନିକ ଏଲ୍‌ଇଡି ସ୍କ୍ରିନରେ ବସ୍ ସମ୍ପର୍କିତ ସବିଶେଷ ତଥ୍ୟ ମିଳିବ। ଗାଁଠାରୁ ଆରମ୍ଭ କରି ପଞ୍ଚାୟତ, ବ୍ଲକ ଓ ସଦର ମହକୁମାକୁ ଯିବା ପାଇଁ ବସ୍‌ର ସମସ୍ତ ବିବରଣୀ ଏହି ଏଲ୍‌ଇଡି ସ୍କ୍ରିନରେ ପ୍ରଦାନ କରାଯିବ। ଲିଫ୍ଟ, ଏସ୍କାଲେଟରରେ ଗୋଟିଏ ମହଲାରୁ ଅନ୍ୟ ମହଲାକୁ ସହଜରେ ଯା'ଆସ କରିହେବ। ଶୀତତାପ ନିୟନ୍ତ୍ରିତ କୋଠରିରେ ଆରାମ ମିଳିବ। ଏଣିକି ରାଜ୍ୟବାସୀ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଏପରି ସୁବିଧା ପାଇବେ ବୋଲି ବିଡିଏ ପକ୍ଷରୁ ପ୍ରକାଶ ପାଇଛି। ଗୋଟିଏ ଛାତ ତଳେ ଯାତ୍ରୀଙ୍କୁ ଫ୍ରଣ୍ଟ ଅଫିସରୁ ଆରମ୍ଭ କରି ମେଡିକାଲ୍, ଏଟିଏମ୍, ଆହାର କେନ୍ଦ୍ର ଭଳି ସେବା ମିଳିବ। ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆହାର ପ୍ଲସ୍ କେନ୍ଦ୍ର ତିଆରି ହୋଇଛି। ସାଧାରଣ ଆହାର କେନ୍ଦ୍ର ତୁଳନାରେ ଏହା ଯଥେଷ୍ଟ ଉନ୍ନତମାନର ରହିବ। ଶୀତତାପ ନିୟନ୍ତ୍ରିତ କୋଠରିରେ ଷ୍ଟାର୍ ହୋଟେଲ୍ ଭଳି ସୁବିଧା ମିଳିବ। ଏହାସାଙ୍ଗକୁ ଯାତ୍ରୀଙ୍କୁ ମିଶନଶକ୍ତି କାଫେ, ଓର୍ମାସ ଓ ମିଲେଟ୍ କାଫେରେ ମା' ହାତ ତିଆରି ଖାଦ୍ୟ ଖାଇବାକୁ ମିଳିବ। ଏହାସହ ଅପେକ୍ଷାରତ ଶିଶୁଙ୍କ ପାଇଁ କ୍ରୀଡ଼ାଙ୍ଗନ ରହିଥିବାବେଳେ ବାବାସାହେବ ଭୀମ ରାଓ ଆମ୍ବେଦକରଙ୍କ ଖୋଦେଇ ପ୍ରତିମୂର୍ତ୍ତି ଦେଖିବାକୁ ମିଳିବ। ଖାଲି ସେତିକି ନୁହେଁ; କାନ୍ଥବାଡ଼ରେ କଳା ସଂସ୍କୃତିର ଝଲକ ଦେଖିବାକୁ ମିଳିବ। ଯାତ୍ରୀଙ୍କ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଫାଣ୍ଡି ତିଆରି ହୋଇଛି। ବେସମେଣ୍ଟରେ ୧୧୫ କାର୍ ପାର୍କିଂ ପାଇଁ ସ୍ଥାନ ସଂରକ୍ଷିତ ରହିଛି। ଟର୍ମିନାଲରେ ୫୦ ବସ୍ ବେ ସହ ୨୦୦ ବସ୍ ରହଣି ପାଇଁ ପାର୍କିଂ ସ୍ପେସର ବ୍ୟବସ୍ଥା ହୋଇଛି। ସିଟିବସ୍ ପାଇଁ ୫ସ୍ଥାନ ସଂରକ୍ଷିତ ରଖାଯିବାର ବ୍ୟବସ୍ଥା ହୋଇଛି। ଦୁଇଚକିଆ ଯାନ ପାର୍କିଂ ପାଇଁ ମଧ୍ୟ ସ୍ୱତନ୍ତ୍ର ସ୍ଥାନ ରହିଛି। ସ୍ୱତନ୍ତ୍ର ରାସ୍ତା ସହ ବସ୍ ପ୍ରବେଶ ଓ ପ୍ରସ୍ଥାନ ଗେଟ୍ ଅଲଗା ଅଲଗା କରାଯାଇଛି। ସୂଚନାଯୋଗ୍ୟ, ଫେବୃଆରୀ ଶେଷ ସୁଦ୍ଧା ବରମୁଣ୍ଡା ବସ ଟର୍ମିନାଲ ନବୀକରଣ କାମ ସାରିବାକୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ନିର୍ଦ୍ଦେଶ ଦେଇଥିଲେ। ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲ କାମ ଚାଲୁ ରହିଥିବାବେଳେ ଫେବୃଆରୀ ଦ୍ୱିତୀୟ ସପ୍ତାହରେ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ ଆଇଏସ୍‌ବିଟି ବରମୁଣ୍ଡାର ନିର୍ମାଣାଧୀନ କାର୍ଯ୍ୟର ସ୍ଥିତି ଯାଞ୍ଚ କରିଥିଲେ। ପରିଦର୍ଶନ ବେଳେ ନିର୍ମାଣକାରୀ ସଂସ୍ଥା ସହ ଆଲୋଚନା କରିବା ସହ ପ୍ରକଳ୍ପର ଆଇଟି ଭିତ୍ତିଭୂମି, ଯାତ୍ରୀଙ୍କ ସୁବିଧା ସହ ସୃଜନଶୀଳ ପରିବେଶ ସୃଷ୍ଟିକୁ ଗୁରୁତ୍ୱ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଆଇଏସ୍‌ବିଟି ବରମୁଣ୍ଡା ରାଜ୍ୟ ତଥା ଭୁବନେଶ୍ୱର ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଗମନାଗମନ ଭିତ୍ତିଭୂମି ତିଆରି କରୁଛି। ବିଡିଏ ଦ୍ୱାରା ୧୫.୫ ଏକରରୁ ଅଧିକ ଜମିରେ ଆଇଏସ୍‌ବିଟି ବରମୁଣ୍ଡା ପ୍ରକଳ୍ପରେ ଯାତ୍ରୀଙ୍କ ସୁବିଧା, କାର୍ଯ୍ୟାଳୟ ସ୍ଥାନ, ପାର୍କିଂ, ଖାଦ୍ୟ କୋର୍ଟ, ରେଷ୍ଟୁରାଣ୍ଟ, ବାଣିଜ୍ୟିକ ସ୍ଥାନ ଇତ୍ୟାଦିର ବିକାଶ କରାଯାଇଛି।

## ଓଡ଼ିଶୀ ସଙ୍ଗୀତ ମହୋତ୍ସବ ଉଦ୍‌ଯାପିତ




ଭୁବନେଶ୍ୱର, ୨୮ ।୨(ସମିସ): ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଓଡ଼ିଶୀ ସଙ୍ଗୀତ ମହୋତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାର ଶୁଭାରମ୍ଭ କରି ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର, ନାଲ୍‌କୋ ମହିଳା ସମିତି ସଭାପତି ସସ୍ମିତା ପାତ୍ର, ଓପିସିଏଲ୍ ନିର୍ଦ୍ଦେଶକ ଶାରୀପୁତ ମିଶ୍ର ଓ ପିପିଏଲ୍‌ର ସି.ଏସ୍.ଆର୍ ମୁଖ୍ୟ ସୁଧୀର ରଞ୍ଜନ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସଙ୍ଗୀତ ସମସ୍ତ ବିଭବରେ ସଞ୍ଚରିଯାଇ ଓଡ଼ିଶାରେ ସଙ୍ଗୀତକୁ ଏକ ଅନନ୍ୟ ପରିଚୟ ଦେଇଥିବା ବାଳକୃଷ୍ଣ ଦାଶ ଅମର। ଯେ ପର୍ଯ୍ୟନ୍ତ ସେହି ସଙ୍ଗୀତ ଶ୍ରୋତାଙ୍କ କଣ୍ଠରେ ସଙ୍ଗୀତ ହୋଇ ରହିଛି ସେ ପର୍ଯ୍ୟନ୍ତ ସୁଧାକର ବଞ୍ଚି ରହିଥିବେ ବୋଲି ଅତିଥିମାନେ ସଭାରେ ମତ ବ୍ୟକ୍ତ କରିଥିଲେ। ଗୁରୁ ପଣ୍ଡିତ ରାମହରି ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଯୁଗ୍ମ ସମ୍ପାଦକ ଗୁରୁ କେଶବ ଚନ୍ଦ୍ର ରାଉତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଲାୟନ୍ସ କ୍ଲବ୍ ବ୍ୟାଙ୍କର୍ସ ଦ୍ୱାରା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୨୮ ।୨(ସମିସ): ଲାୟନ୍ସ କ୍ଲବ୍ ଅଫ୍ ଭୁବନେଶ୍ୱର ବ୍ୟାଙ୍କର୍ସ ଦ୍ୱାରା ଏକ ସ୍ୱାସ୍ଥ୍ୟ ଶିବିର ଲାୟନ୍ସ ଭବନଠାରେ ଆୟୋଜିତ ହୋଇଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ 'ସହରାଞ୍ଚଳ ସ୍ୱାସ୍ଥ୍ୟ ଭ୍ରାମ୍ୟମାଣ ୟୁନିଟ୍'ର ଡାକ୍ତର ଓ ଟେକ୍‌ନିସିଆନଙ୍କ ସହଯୋଗରେ ଉକ୍ତ ଶିବିରରେ ଚକ୍ଷୁ ପରୀକ୍ଷା ତଥା ମଧୁମେହ ରୋଗର ଯାଞ୍ଚ କରାଯାଇଥିଲା। ଲାୟନ ଗାୟତ୍ରୀ ମିଶ୍ର, ଚିତ୍ତରଞ୍ଜନ ମହାନ୍ତି ଓ ରଞ୍ଜନ ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଲାୟନ୍ସ କ୍ଲବ୍ ଅଫ୍ ବ୍ୟାଙ୍କର୍ସର ସଭାପତି ଡଃ. ମନୋରଞ୍ଜନ ଭୂୟାଁ, ସମ୍ପାଦକ ରଘୁନାଥ ପୃଷ୍ଟି ଓ କୋଷାଧ୍ୟକ୍ଷ ମନୋରଞ୍ଜନ ଦାସ ଉକ୍ତ ଶିବିରଟିକୁ ଆୟୋଜନ କରିଥିଲେ। ଶିବିରରେ ଲାୟନ୍ସ ଜିଲ୍ଲା କୋର୍ଡିନେଟର ମାୟା ସ୍ୱାଇଁ, ନିର୍ମଳ କୁମାର ବେହେରା, ଉପସଭାପତି ବାନାମ୍ବର ସାହୁ, ବୋର୍ଡ ଅଫ୍ ଡାଇରେକ୍ଟର୍ସ ସଦସ୍ୟ ଅଭୟ କୁମାର ମହାପାତ୍ର, ସୁସ୍ମିତା ରାଉତ, ମନୋଜ କୁମାର ଜେନା, ମୁକ୍ତିକାନ୍ତ ଶତପଥୀ ଓ ଲୟନ୍ସ କ୍ଲବ୍ ଅଫ୍ ଭୁବନେଶ୍ୱର ବ୍ୟାଙ୍କର୍ସର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବିପିଏନ୍‌ଏସ୍‌ଆଇ ଓ ଟାଟା ଷ୍ଟିଲ୍‌ର ଶିଳ୍ପ ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର, ୨୮ ।୨(ସମିସ): ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନ୍‌ଏସ୍‌ଆଇ) ପକ୍ଷରୁ ରାଜ୍ୟ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ତାଲିମ ସମ୍ମିଳନୀ କକ୍ଷରେ ଶିଳ୍ପ ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ରାଜ୍ୟରୁ ଟାଟା ଷ୍ଟିଲ୍ ଇଞ୍ଜିନିୟରମାନେ ଏଥିରେ ପ୍ରଶିକ୍ଷାର୍ଥୀ ଭାବେ ଯୋଗ ଦେଇଛନ୍ତି। ଶିଳ୍ପ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂହ ପୁନିଆ ଇସ୍ପାତ ଶିଳ୍ପର ଆବଶ୍ୟକତା ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରିଛନ୍ତି। ଇସ୍ପାତ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରୀତମ୍ ପୁରକାୟସ୍ଥ ଅନୁଷ୍ଠାନର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଅବଗତ କରିଛନ୍ତି। ସେହିପରି ଆରତୀ ଷ୍ଟିଲର ପୂର୍ବତନ ଉପାଧ୍ୟକ୍ଷ ଅମିତେଶ ସିହ୍ନା, ଡଃ ସୀମନ୍ତ ମହାନ୍ତି, ଅକ୍ଷୟ କୁମାର ପୁରୋହିତ ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରିଛନ୍ତି। ଶେଷରେ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରୀତମ ପୁରକାୟସ୍ଥ ଧନ୍ୟବାଦ ଅର୍ପଣ କରିଛନ୍ତି।

## କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲିପାଟଣା, ୨୮ ।୨(ସମିସ): ଶିଶୁ ଅନନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ନିମାଇଁ ଚରଣ ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅଧ୍ୟାପିକା ସସ୍ମିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନୂତନ ଅଧ୍ୟକ୍ଷ ମଧୁମିତା ରଥ ଉପସ୍ଥିତ ଥିଲେ। ବିଦାୟୀ ଅଧ୍ୟକ୍ଷ ଶ୍ରୀ ଜେନା କହିଥିଲେ ଯେ ସଂଗଠିତ ଉଦ୍ୟମରେ ସମସ୍ତ ଅସାଧ କାର୍ଯ୍ୟ ସାଧିତ ହୋଇପାରିବ। ଅଧ୍ୟାପକ ସରୋଜ ମହାପାତ୍ର, ପ୍ରଭାତ ମିଶ୍ର, ସତ୍ୟନାରାୟଣ ରଥ, ନିରଞ୍ଜନ ପଣ୍ଡା, ଅଭିଜିତ ସାହୁ, ଶୁଭଶ୍ରୀ ନାୟକ, ମାମିନା ସାହୁ, ସମର୍ପିତା ଷଡ଼ଙ୍ଗୀ, ଅଧ୍ୟାପକ ଅଭିରାମ ଜେନା ଯୋଗଦେଇଥିଲେ।

● ଭିନ୍ନକ୍ଷମ ଆୟୁକ୍ତଙ୍କ ହସ୍ତକ୍ଷେପ

## ପରୀକ୍ଷାର୍ଥୀଙ୍କୁ ମିଳିଲା ଲିଖନ ସହାୟକ ସୁବିଧା

ଭୁବନେଶ୍ୱର, ୨୮ ।୨(ସମିସ): ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ହସ୍ତକ୍ଷେପ ହେତୁ ଦୁଇଜଣ ଭିନ୍ନକ୍ଷମ ପରୀକ୍ଷାର୍ଥୀ ଉପକୃତ ହୋଇ ପାରିଛନ୍ତି। ସେମାନଙ୍କୁ ପରୀକ୍ଷା କେନ୍ଦ୍ରରେ ଉତ୍ତର ଲେଖିବା ପାଇଁ ଲିଖନ ସହାୟକଙ୍କ ସୁବିଧା ମିଳିପାରିଛି। ସୂଚନା ଅନୁଯାୀ ଭୁବନେଶ୍ୱର ନୟାପଲ୍ଲୀର ଅଂଶୁମାନ ପ୍ରଧାନ ୬୦ ପ୍ରତିଶତ ମାନସିକ ଅନଗ୍ରସର ଅଟନ୍ତି। ମାଧ୍ୟମିକ ଶିକ୍ଷା ବୋର୍ଡ ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ୨୦୨୪ର ପରୀକ୍ଷାର୍ଥୀ ଭାବରେ ଜଣେ ଲିଖନ ସହାୟକଙ୍କ ସୁବିଧା ନିମନ୍ତେ ଅନୁମତି ମାଗି ବିଫଳ ହୋଇଥିଲେ। ଏହାପରେ ସେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଆୟୁକ୍ତଙ୍କ ହସ୍ତକ୍ଷେପ ଫଳରେ ବୋର୍ଡ କର୍ତ୍ତୃପକ୍ଷ ତାଙ୍କୁ ଏହି ସୁବିଧା ପ୍ରଦାନ କରିଛନ୍ତି। ଅଂଶୁମାନ ବର୍ତ୍ତମାନ ଖୋର୍ଦ୍ଧାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରୀକ୍ଷା କେନ୍ଦ୍ର ତତ୍ତ୍ୱାବଧାରକ ତାଙ୍କୁ ପରୀକ୍ଷାରେ ଲିଖନ ସହାୟକଙ୍କ ସୁବିଧା ସହିତ ପ୍ରତି ପ୍ରଶ୍ନପତ୍ର ପିଛା ଘଣ୍ଟାକୁ କୋଡିଏ ମିନିଟ ଅଧିକ ସମୟ ନେବା ନିମନ୍ତେ ଅନୁମତି ଦେଇଛନ୍ତି। ଅନୁରୂପ ଭାବରେ ସାଇସ୍ତା ପରୱିନ୍ ଜଣେ ୬୦ ପ୍ରତିଶତ ଦୃଷ୍ଟିବାଧିତ ଛାତ୍ରୀ ଓ ସେ ଓଡ଼ିଶା ଲୋକସେବା ଆୟୋଗ ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା (ମେନ୍) ପରୀକ୍ଷା-୨୦୨୨ ଦେବା ନିମନ୍ତେ ଲିଖନ ସହାୟକ ଲୋଡ଼ିଥିଲେ। ତାଙ୍କର ଶିକ୍ଷାଗତ ଯୋଗ୍ୟତା ସ୍ନାତକୋତ୍ତର ହୋଇଥିବାବେଳେ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ସାଇସ୍ତାଙ୍କୁ ତାଙ୍କ ପସନ୍ଦ ମୁତାବକ ଜଣେ ବିବିଏ ଯୋଗ୍ୟତାସମ୍ପନ୍ନ ଲିଖନ ସହାୟକଙ୍କ ସୁବିଧା ନେବାକୁ ଅନୁମତି ଦିଆଯାଇଥିବା ଜଣାପଡ଼ିଛି।

● ଫିନିକ୍ସ ସହରରେ ବିଶ୍ୱ ମାତୃଭାଷା ଦିବସ

## ଓଡ଼ିଶାର କଳା ସଂସ୍କୃତିକୁ ଆମେରିକାରେ ପ୍ରଶଂସା

ଭୁବନେଶ୍ୱର, ୨୮ ।୨(ସମିସ): ଆମେରିକାର ଆରିଜୋନା ରାଜ୍ୟର ଫିନିକ୍ସ ସହରରେ ବିଶ୍ୱ ମାତୃଭାଷା ଦିବସ-୨୦୨୪ ପାଳିତ ହୋଇଯାଇଛି। ବିଶ୍ୱର ବିଭିନ୍ନ ଦେଶର ପ୍ରତିନିଧିମାନେ ଏବଂ ଭାରତର ଅନେକ ରାଜ୍ୟର ପ୍ରବାସୀ ଭାରତୀୟମାନେ ଏହି ଉତ୍ସବରେ ଯୋଗଦାନ କରି ନିଜ ମାତୃଭାଷାର ପ୍ରତନିଧିତ୍ୱ କରିଥିଲେ। ଏଥିରେ ଓଡ଼ିଶା ତଥା ଓଡ଼ିଆ ଭାଷାର ପ୍ରତିନିଧିତ୍ୱ କରିଥିଲେ ଉତ୍ତମ ବେହେରା, ସୁବାଶିଷ ସାମଲ, ମନୋରଞ୍ଜନ ଜେନା, ରିତିସ୍ନିଗ୍ଧା ଜେନା, ସୋନାଲି ଚାଟାର୍ଜୀ, କିଶୋର ଓ ସାଗରିକା ଦାଶ। ସେମାନେ ଦର୍ଶକମାନଙ୍କୁ ତଥା ଆମନ୍ତ୍ରିତ ବିଶେଷ ଅତିଥିବୃନ୍ଦଙ୍କୁ ଓଡ଼ିଆ ଭାଷା ଏବଂ ଓଡ଼ିଶାର କଳା, ସଂସ୍କୃତି ଓ ପର୍ଯ୍ୟଟନ ବିଷୟରେ ଅବଗତ କରାଇଥିଲେ। ଏଥିରେ ଆମେରିକାର ଆମନ୍ତ୍ରିତ ଅତିଥିମାନେ ଓଡ଼ିଶାର କଳାସଂସ୍କୃତିକୁ ପ୍ରଶଂସା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ମରିତା ଦଳାଇ, ମୋନାଲିସା ଗଡ଼ନାୟକ ତନୁଶ୍ରୀ ସ୍ୱାଇଁ ଓ ତୃପ୍ତି ଜେନାଙ୍କ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ବିଶେଷ ଅତିଥିମାନଙ୍କ ମଧ୍ୟରେ ଥିଲେ ଆରିଜୋନା ରାଜ୍ୟର ରିପ୍ରେଜେଣ୍ଟିଭ ଯେନିଫର ପାଲଲିକ, କେଭିନ ହଟିକେ ଓ ଟ୍ରେସି ଡ୍ରାଭିସ। ଆଗାମୀ ଦିନରେ ଆରିଜୋନା ରାଜ୍ୟର ପ୍ରବାସୀ ଓଡ଼ିଆମାନଙ୍କ ସଂସ୍ଥା 'ଓଡ଼ିଆ ଆସୋସିଏସନ ଫର୍ ଆରିଜୋନା'ର କର୍ମକର୍ତ୍ତାମାନେ ଓଡ଼ିଶାର କଳା, ସଂସ୍କୃତି ଏବଂ ପର୍ଯ୍ୟଟନର ପ୍ରଚାର ନିମନ୍ତେ ଏପରି ଅନେକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ପଦକ୍ଷେପ ନେଉଛନ୍ତି।

## 'ତିନି ଦଶନ୍ଧିର ଓଡ଼ିଶା' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୨୮ ।୨(ସମିସ): ଜଣେ ସାମ୍ବାଦିକ କେବଳ ଜଣେ ସାହିତ୍ୟିକ ହୋଇପାରିବ ତାହା ନୁହେଁ ସେ ଜଣେ ଶ୍ରେଷ୍ଠ ଐତିହାସିକ ମଧ୍ୟ ହୋଇପାରିବ। ଲେଖାରେ ସତ୍ୟ ଓ ତଥ୍ୟ ଭିତ୍ତିକ ପ୍ରମାଣ ସହିତ ଏହାର ସଠିକ୍ ବିଶ୍ଳେଷଣ ରହିଲେ ଜଣେ ସାମ୍ବାଦିକ ହିଁ କରିପାରିବ ବୋଲି ପେନ୍ ଇନ୍ ବୁକ୍ସ ପକ୍ଷରୁ ଜୟଦେବ ଭବନଠାରେ ଅନୁଷ୍ଠିତ ଚିତ୍ତରଞ୍ଜନ ଚିରଞ୍ଜିତଙ୍କ ଆଲୋଚନ ଗ୍ରନ୍ଥ 'ତିନି ଦଶନ୍ଧିର ଓଡ଼ିଶା' ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଆଜି ଏହା କହିଛନ୍ତି। ୧୯୯୧ ମସିହାରୁ ୨୦୨୦ ପର୍ଯ୍ୟନ୍ତ ତିନି ଦଶନ୍ଧି ହେଉଛି ଓଡ଼ିଶା ରାଜନୀତିର ଏକ ଚମତ୍କାର ସମୟ। ଏହି ତିରିଶି ବର୍ଷ ମଧ୍ୟରେ ଓଡ଼ିଶାର ଅନେକ ବିକାଶ ହେବା ସହିତ ରାଜନୈତିକ ଉତ୍‌ଥାନ ଓ ପତନ ମଧ୍ୟ ଘଟିଛି। ଯାହାକି ଏହି ପୁସ୍ତକରେ ସ୍ପଷ୍ଟ ପରିଲକ୍ଷିତ ହୋଇଛି ବୋଲି ସେ ମତବ୍ୟକ୍ତ କରିଥିଲେ। ତେଣୁ ଏହା ଉଭୟ ସାହିତ୍ୟିକ ଓ ଐତିହାସିକଙ୍କ ପାଇଁ ଏକ ଉତ୍ତମ ପୁସ୍ତକ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀରାମ ଦାଶ ଯୋଗଦେଇ ଏହି ତିନି ଦଶନ୍ଧିରେ ରାଜ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଛି। ଯେପରିକି ମହିଳାମାନଙ୍କୁ ୩୦ ପ୍ରତିଶତ ସଂରକ୍ଷଣ, ଉପମୁଖ୍ୟମନ୍ତ୍ରୀଙ୍କ ଶାସନ, ବିଜୁ ପଟ୍ଟନାୟକ ଓ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସୁଦୃଢ଼ ଶାସନ ଆଦି ଘଟିଛି। ଏହି ପୁସ୍ତକରେ ଘଟଣାବଳୀଗୁଡ଼ିକ ସବିଶେଷ ତଥ୍ୟ ରହିଛି ବୋଲି ସେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ କଥାକାର ଗୌରହରି ଦାସ ଉପସ୍ଥିତ ଥିଲେ। ପୁସ୍ତକର ଲେଖକ ତଥା ସାମ୍ବାଦିକ ଚିତ୍ତରଞ୍ଜନ ଚିରଞ୍ଜିତ ନିଜ ପୁସ୍ତକ ଲେଖିବାର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପ୍ରକାଶନୀ ସଂସ୍ଥାର ନିର୍ଦ୍ଦେଶକ ତଥା କଥାକାର ଶୁଭ୍ରାଂଶୁ ପଣ୍ଡା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ସୂର୍ଯ୍ୟାଂଶୀଙ୍କ ଚିକିତ୍ସା ପାଇଁ ୧ ଲକ୍ଷ ଟଙ୍କା ସହାୟତା



ବାଲିପାଟଣା, ୨୮।୨ (ସମିସ): ଗତ ଡିସେମ୍ବର ୧୬ ତାରିଖରେ ମାଙ୍କଡ଼ ଗୋଡ଼ାଇବାରୁ ଛାତରୁ ପଡ଼ି ୬ ବର୍ଷର ଝିଅ ସୂର୍ଯ୍ୟାଂଶୀର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାକୁ ଏକ ଘରୋଇ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଏବେ ତା'ର ଚିକିତ୍ସା ଜାରି ରହିଛି। ପିତା ସୂର୍ଯ୍ୟକାନ୍ତ ପ୍ରଧାନ ଓ ସ୍ମୃତିରେଖା ସାହୁଙ୍କ କନ୍ୟା ସୂର୍ଯ୍ୟାଂଶୀ ମଞ୍ଜରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରୀ। ପ୍ରାୟ ୮ଲକ୍ଷ ଟଙ୍କା ସେ ଝିଅର ଚିକିତ୍ସା ପାଇଁ ଖର୍ଚ୍ଚ କରିସାରିଲେଣି। ଏହି ଦୁଃଖଦ ଘଟଣା ସମ୍ପର୍କରେ ଜାଣିବା ପରେ ଆମ ସଂଗଠନର ସଭାପତି କମଳ କୁମାର ପାତ୍ର (ଚନ୍ଦନ) ଚିକିତ୍ସା ପାଇଁ ଏକ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ବୁଧବାର ଅପରାହ୍ଣରେ ବ୍ଲକ ଚେୟାରମ୍ୟାନ୍ ହରପ୍ରିୟା ଦାସ, ବ୍ଲକ ବିଜେଡି ସଭାପତି କିଶୋର ଜେନା, ସରପଞ୍ଚ ବାହାନ ଭୋଇ, ପୂର୍ବତନ ସରପଞ୍ଚ ରମେଶ ସାହାଣୀ, ପଞ୍ଚାୟତ ବିଜେଡି ସଭାପତି ରମେଶ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ନାରୀନେତ୍ରୀ ବିଜୟଲକ୍ଷ୍ମୀ ରାଉତରାୟ, ସୁଜାତା ଭୋଇ, ସବିତା ବାରିକ୍, ବିଜୟ ବେହେରା, ଆଲୋକ ରାୟ, ଜଗନ୍ନାଥ ପଣ୍ଡା ପ୍ରମୁଖ ସଙ୍ଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଅର୍ଥ ପ୍ରଦାନ ସହିତ ଆଶୁ ଆରୋଗ୍ୟ କାମନା କରିଥିଲେ।

## ପୂର୍ବତନ କାଉନ୍‌ସିଲରଙ୍କ ସ୍ମୃତିଚାରଣ

ଭୁବନେଶ୍ୱର, ୨୮ ।୨(ସମିସ): ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ଅଲ୍ ଓଡ଼ିଶା କାଉନସିଲର୍ ଓ କର୍ପୋରେଟର୍ ୱେଲଫେୟାର୍ ଟ୍ରଷ୍ଟ ଓ ୱି ଫର୍ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ପୂର୍ବତନ କାଉନସିଲର ସ୍ୱର୍ଗତ ଶ୍ୟାମ ସୁନ୍ଦର ଜେନାଙ୍କ ସ୍ମୃତିରେ ଏକ ଶୋକସଭା ୟୁନିଟ-୧ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱର୍ଗତ ଶ୍ୟାମସୁନ୍ଦରଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି, ଦୀପଦାନ ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା। ଏଥିରେ ବୁଦ୍ଧୁରାମ ସାହୁ, ରମାନାଥ ସାମନ୍ତରାୟ, ଅଜୟ ହରିଚନ୍ଦନ, ପଦ୍ମନାଭ ଦାସ, ଆଶିଷ ପଟ୍ଟନାୟକ, ସଂଯୁକ୍ତା ମହାନ୍ତି, ଉମାନାଥ ମିଶ୍ର ଓ ସୁଶାନ୍ତ ସାହୁ ଯୋଗ ଦେଇଥିଲେ।

## ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ବାଲିଅନ୍ତା, ୨୮ ।୨(ସମିସ): ବାଳକାଟି ଜାମୁତୋଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନବମ ଶ୍ରେଣୀ ଛାତ୍ର ଅଂଶୁମାନ ନାୟକ ୨୦୨୩/୨୪ ଶିକ୍ଷା ବର୍ଷରେ ଜାତୀୟ ଗ୍ରାମ୍ୟ ମେଧାବୃତ୍ତି ପରୀକ୍ଷାରେ ୮୦ ପ୍ରତିଶତ ନମ୍ବର ରଖି ବ୍ଲକସ୍ତରରେ ୨ୟ ସ୍ଥାନ ହାସଲ କରିଛନ୍ତି। ଏହି ବିଦ୍ୟାଳୟ ପୁରୋହିତପୁରସ୍ଥିତ ଅଚ୍ୟୁତାନନ୍ଦ ଆଦର୍ଶ ଉଚ୍ଚ ବିଦ୍ୟାନିକେତନ ସହ ସହବନ୍ଧିତ ଅଛି। ଏ ନେଇ ଆଜି ସ୍କୁଲ ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସଭାରେ ଅଂଶୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସ୍କୁଲର ପ୍ରଧାନ ଆଚାର୍ଯ୍ୟ ସର୍ବେଶ୍ୱର ରଣସିଂହ, ସହ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ୍ତ ଜେନା, ସମ୍ପାଦକ ଚୈତନ୍ୟ ସାହୁ, ସଭାପତି ଶଙ୍କର ସାହୁ ଏବଂ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ସାହୁ, ସସ୍ମିତା ତ୍ରିପାଠୀ ଏବଂ ଶ୍ରେଣୀ ଶିକ୍ଷକ ଅସିତ ମହାନ୍ତି ଉପସ୍ଥିତ ଥିଲେ।

ରାଜଧାନୀ ଡାଏରି

# ଡିସେମ୍ବରରେ ଆସୁଛନ୍ତି, ମେ'ରେ ଯାଉଛନ୍ତି

## ବେପାର ଆଶାରେ ରାଜଧାନୀରେ ରାଜସ୍ଥାନୀ ବେପାରୀ

ଭୁବନେଶ୍ୱର, ୨୮ ।୨(ସମିସ):

ଆଗ ଭଳି ସମୟ ଆଉ ନାହିଁ କି ଓଡ଼ିଶାରୁ ଲୋକ ପେଟପାଟଣା ଅନ୍ୟ ରାଜ୍ୟକୁ ଯିବେ। ଧୀରେ ଧୀରେ ସେହି ସ୍ଥିତିରେ ପରିବର୍ତ୍ତନ ଆସିବାରେ ଲାଗିଛି। ଓଡ଼ିଶା ଏବେ ବ୍ୟବସାୟର ପେଣ୍ଠସ୍ଥଳୀ ପାଲଟିଛି। ଆଜିର ଦିନରେ ବେପାର ଆଶା ରଖି ଅନେକ ରାଜସ୍ଥାନୀ ବୁଲା ବେପାରୀ ସୁଦୂର ରାଜସ୍ଥାନରୁ ଓଡ଼ିଶା ଚାଲି ଆସୁଛନ୍ତି। ଏହାର ଉଦାହରଣ ଏବେ ଭୁବନେଶ୍ୱରର ରାସ୍ତାକଡ଼ରେ ଓ ବିଭିନ୍ନ ଛକଗୁଡ଼ିକରେ ଦେଖିବାକୁ ମିଳୁଛି। ବିଶେଷତଃ ମେଳା ମହୋତ୍ସବରେ ସେମାନେ ବିଭିନ୍ନ ଜିନିଷ ବିକ୍ରି କରୁଛନ୍ତି। ମେଳା ବ୍ୟତିତ ଅନ୍ୟ ସମୟରେ ସେମାନେ ଖଣ୍ଡଗିରି, ଧର୍ମବିହାର, ଅଶୋକନଗର, ରାମମନ୍ଦିର ଛକ, ସିଆର୍‌ପିଏଫ୍ ଛକ, ଜୟଦେବ ବିହାର ଆଦି ଛକରେ ସେମାନଙ୍କ ପସରା ଦେଖିବାକୁ ମିଳୁଛି। କିଛି ସ୍ଥାନରେ ପୋଷାକ ବିକ୍ରି ତ କିଛି ସ୍ଥାନରେ ଖଡ଼ିକା, ତାଓ୍ୱା, କଡ଼େଇ ଆଦି ନନ୍‌ଷ୍ଟିକ



ଜିନିଷ, ଫୁଲ କୁଣ୍ଡ ଆଦି ବିକ୍ରି କରୁଛନ୍ତି। ସେସବୁ ବଜାର ମୂଲ୍ୟଠୁ କମ୍‌ରେ ମିଳୁଥିବାରୁ ଲୋକ ମଧ୍ୟ ସେଠାରେ ଅଧିକ ଭିଡ଼ ଜମାଉଛନ୍ତ। ଏହା ସେମାନେ ନିଜେ ତିଆରି କରୁନାହାନ୍ତି ବରଂ ନିଜ ଆଖପାଖ ଦୋକାନରୁ ଜିନିଷ କିଣିନେଇ ମେଳାରେ ତାକୁ ହିଁ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଏନେଇ ରାଜସ୍ଥାନୀ ମହିଳା ସୀତା କୁହନ୍ତି ସେ ପ୍ରତିବର୍ଷ ଏଠାକୁ ଆସିଥାନ୍ତି। ମିଳିତ ଭାବେ ୪୦ରୁ ୫୦ଜଣ ନିଜ ପରିବାର ସହ ଆସି ଭିନ୍ନ ଭିନ୍ନ ସ୍ଥାନରେ ନିଜ ବ୍ୟବସାୟର ପସରା ମେଲାଇଥାନ୍ତି। ସେମାନେ ପାଖାପାଖି ୫ରୁ ୬ମାସ ଓଡ଼ିଶାରେ ରହିଥାନ୍ତି। ଏହାପରେ ସେ ନିଜ ରାଜ୍ୟକୁ ଫେରିଯାନ୍ତି। ଡିସେମ୍ବରରେ ଖ୍ରୀଷ୍ଟମାସ ସମୟରୁ ଆସି ଖ୍ରୀଷ୍ଟମାସ ସାଜସଜା ଉପକରଣ ବିକ୍ରି କରିଥାନ୍ତି। ଏବେ ଖଣ୍ଡଗିରି ମେଳାରେ ତାଙ୍କର ଭଲ ବିକ୍ରି ହୋଇଛି ଯେଉଁଥିରେ ସେମାନେ ରଙ୍ଗବେରଙ୍ଗ ବେଲୁନ, ଡ୍ରେସ, ଜୀବଜନ୍ତୁଙ୍କ ମୁଖା, କଣ୍ଢେଇ ଆଦି ବିକ୍ରି କରିଥାନ୍ତି। ଏହି ମେଳା ସରିଗଲେ ପୁଣି ଅନ୍ୟ ମେଳା ଯେଉଁଠି ହୁଏ ସେଠାକୁ ଚାଲିଯାନ୍ତି। ଏହିପରି ସେ ମେ' ମାସ ଯାଏଁ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯାଇଥାନ୍ତି। ବର୍ଷା ଦିନ ଆସିବା ଆଗରୁ ସେମାନେ ନିଜ ରାଜ୍ୟକୁ ଫେରିଯାନ୍ତି ବୋଲି କହିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା କ୍ରାନ୍ତିବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଦେଶର ସ୍ୱାଧୀନତା ଏବଂ ସୁରକ୍ଷା ପାଇଁ ବୀର ସୁରେନ୍ଦ୍ର ସାଏଙ୍କ ତ୍ୟାଗ ଓ ବଳିଦାନକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସ୍ମରଣ କରିଛନ୍ତି।

# ମାଆମାନେ ସଶକ୍ତ ହେଲେ ଦେଶର ବିକାଶ: ରାଷ୍ଟ୍ରପତି

**ବାରିପଦା/ରାଇରଙ୍ଗପୁର,୨୮।୨(ସମିସ):** ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ୪ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମରେ ଆସି ବୁଧବାର ନିଜ ଜିଲ୍ଲା ମୟୂରଭଞ୍ଜ ଗସ୍ତ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବୁଧବାର ନିଜ ଜନ୍ମମାଟି ମୟୂରଭଞ୍ଜରେ ପହଞ୍ଚି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଖିଚିଂର ମା' କୀଚକେଶ୍ୱରୀଙ୍କୁ ଦର୍ଶନ କରିଥିଲେ। ଅପରାହ୍ନରେ ରାଇରଙ୍ଗପୁର କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଅବକାଶ ନିବାସର ଶିଳାନ୍ୟାସ କରିଥିଲେ। ଏହା ସହିତ ୨୨୦ନଂ ଜାତୀୟ ରାଜପଥର ଦୁଇ ଲେନ୍ ବାଇପାସ ରାସ୍ତାର ପ୍ରଶସ୍ତିକରଣ ଓ କ୍ରୀଡା କମ୍ପ୍ଲେକ୍ସ ଏବଂ ରାଇରଙ୍ଗପୁର-ଯଶୀପୁର ଷ୍ଟ୍ରେଚ୍ ସାମର୍ଥୀକରଣର ଭିତ୍ତିପ୍ରସ୍ତର ସ୍ଥାପନ ସହିତ ବଡ଼ସାହି ବ୍ଲକ ବଦଳିଗାଁ ସ୍ଥିତ ନବନିର୍ମିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରିଥିଲେ।

ରାଷ୍ଟ୍ରପତି ବୁଧବାର ନିର୍ଦ୍ଧାରିତ ସମୟରେ ଝାଡ଼ଖଣ୍ଡର ରାଞ୍ଚିରୁ ବାୟୁସେନାର ଏକ୍ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ଅପରାହ୍ନ ୨ଟା୩୦ରେ ଶୁକ୍ଳି ବ୍ଲକ ପାଣ୍ଡୁରଶିଳ ପଡ଼ିଆରେ ଅବତରଣ କରିଥିଲେ। କଡା ସୁରକ୍ଷା ବଳୟ ମଧ୍ୟରେ ସଡ଼କ ପଥରେ ଯାଇ ଗଡ଼ଜାତ ରାଜ୍ୟ ମୟୂରଭଞ୍ଜର ପ୍ରଥମ ରାଜଧାନୀ ଖିଚିଂଠାରେ ପହଞ୍ଚିଥିଲେ। ଖିଚିଂ ସ୍ଥିତ କଳାମୁଗୁନି ପଥରରେ ନିର୍ମିତ ଖିଚିଂ ମନ୍ଦିର ପରିଦର୍ଶନ କରିବା ପରେ ମନ୍ଦିରର ଗର୍ଭଗୃହରେ ପ୍ରବେଶ କରି ମା' କୀଚକେଶ୍ୱରୀଙ୍କୁ ଦର୍ଶନ କରି ବିଶ୍ୱବାସୀଙ୍କ କଲ୍ୟାଣ ପାଇଁ ମା'ଙ୍କ ଠାରେ ପ୍ରାର୍ଥନା କରିଥିଲେ। ଆଳତୀ ଶେଷ ହେବା ପରେ ସେବାୟତଙ୍କ ସହ ଆଲୋଚନା କରି ମନ୍ଦିରର ପ୍ରସାଦ ସେବନ କରିଥିଲେ। ମନ୍ଦିରକୁ ଭାରତ ସରକାରଙ୍କ କୋଶାଦ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ପ୍ରକାଶ କରିଛନ୍ତି।



ଗସ୍ତ ସମୟରେ ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ, ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁବିକାଶ ତଥା ମିଶନଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଝିଅ ଇତିଶ୍ରୀ ମୁର୍ମୁଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ। ସେଠାରୁ ଫେରି ରାଇରଙ୍ଗପୁର ଅଭିମୁଖେ ଯାଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରି ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ। ୩ ମାସ ବ୍ୟବଧାନରେ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସେ କହିଥିଲେ, ମୁଁ ଏ ମାଟିର ଝିଅ। ଜନ୍ମମାଟିରୁ ଦୂରରେ ରହିବି ମଧ୍ୟ ମାଆ ମାଟିର ମୋହ ମୋତେ ସବୁବେଳେ ଆଚ୍ଛନ୍ନ କରି ରଖିଛି। ମୁଁ ଯେଉଁଠାରେ ବି ରହୁଥାଏ ନା କାହିଁକି ଜନ୍ମମାଟି ପାଇଁ କାମ କରିବି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି।

# ଆଜି ଉତ୍କଳର ସମାବର୍ତ୍ତନ ଉତ୍ସବ; ଯୋଗଦେବେ ରାଷ୍ଟ୍ରପତି

**ଭୁବନେଶ୍ୱର,୨୮।୨(ସମିସ):** ରାଜ୍ୟର ପ୍ରଥମ ଓ ସର୍ବପୁରାତନ ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ତମ ସମାବର୍ତ୍ତନ ଉତ୍ସବ ପାଇଁ ସଜେଇ ହୋଇଛି କ୍ୟାମ୍ପସ୍। ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ତୁହାକୁ ତୁହା ପ୍ରସ୍ତୁତି ବୈଠକ କରି ଏହି ଉତ୍ସବକୁ ସ୍ମରଣୀୟ କରିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ କସରତ କରାଯାଉଛି। କାର୍ଯ୍ୟକ୍ରମ ହେବାକୁ ଥିବା ଦୀକ୍ଷାନ୍ତ ଭବନରେ ସାଜସଜ୍ଜା ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ନିୟମକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି କରାଯାଉଥିବା କୁଳପତି ସବିତା ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ରଘୁବର ଦାସ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ସଂଧ୍ୟା ୫.୨୫ରେ ଆରମ୍ଭ ହେବାକୁ ଧାର୍ଯ୍ୟ ହୋଇଥିବାବେଳେ ରାଷ୍ଟ୍ରପତି ପ୍ରାୟ ୧ଘଣ୍ଟା ବିଶ୍ୱବିଦ୍ୟାଳୟରେ ରହିବାର କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ, ସମାବର୍ତ୍ତନ ଉତ୍ସବରେ ସମାଜିକ କ୍ଷେତ୍ରରେ ଅବଦାନ ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ.ପ୍ରମୋଦ କୁମାର ମିଶ୍ର, ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ଡ.ମୃତ୍ୟୁଞ୍ଜୟ ମହାପାତ୍ର ଏବଂ ହିଣ୍ଡାଲକୋ ଇଣ୍ଡଷ୍ଟ୍ରି ପରିଚାଳନା ନିର୍ଦ୍ଦେଶକ ସତୀଶ ପାଲ ପ୍ରମୁଖ ୩ ଜଣଙ୍କୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯିବ। ସେହିପରି ୧୬୬ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯିବ। ୯୫ଜଣଙ୍କୁ ସ୍ୱର୍ଣ୍ଣ ପଦକ ସହ ବିଭିନ୍ନ ପ୍ରତିଯୋଗିତାର ୬ଜଣ କୃତୀ ପ୍ରତିଯୋଗୀଙ୍କୁ ମିଶାଇ ମୋଟ ୧୦୬ଜଣଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଦୀକ୍ଷାନ୍ତ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଥିବା ଛାତ୍ରଛାତ୍ରୀଙ୍କୁ ପାସ୍ ପ୍ରଦାନ କରାଯିବ। ସେଲ୍‌ଫ ଫାଇନାନ୍ସରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ପାଶ୍ ଦିଆ ନ ଯିବା ନିଷ୍ପତ୍ତିକୁ ବିରୋଧ କରି ବୁଧବାର ସଂଧ୍ୟାରେ ଛାତ୍ରଛାତ୍ରୀମାନେ କୁଳପତିଙ୍କୁ ଭେଟିଥିଲେ। କିଛି ସମୟ ପାଇଁ ଉତ୍ତେଜନା ମଧ୍ୟ ଦେଖାଯାଇଥିଲା। ସେମାନଙ୍କୁ ପାସ୍ ଦିଆଯିବ ବୋଲି କୁଳପତି ପ୍ରତିଶୃତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିବା ଜଣାପଡ଼ିଛି। ସେହିପରି ଅବଶିଷ୍ଟ ଛାତ୍ରଛାତ୍ରୀଙ୍କ ପାଇଁ ଏମ୍‌କେସିଜି ପ୍ରେକ୍ଷାଳୟରେ ସିଧା ପ୍ରସାରଣ କରିବାକୁ ବ୍ୟବସ୍ଥା କରାଯାଇଛି।












ବୁଧବାର ଡେଲ୍‌ଟା ଛକ- ଷ୍ଟୁଆର୍ଟ ସ୍କୁଲ ରାସ୍ତା ପାର୍ଶ୍ୱରେ ପ୍ରତିଷ୍ଠିତ ମିଶନ ଶକ୍ତି ବଜାରକୁ ପରିଦର୍ଶନ କରୁଛନ୍ତି ବିଲ୍ ଗେଟ୍‌ସ



ନବୀନ ନିବାସରେ ସାକ୍ଷାତ ଅବସରରେ ବିଲ୍ ଗେଟ୍‌ସଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁସ୍ତକ ପ୍ରଦାନ କରୁଛନ୍ତି

## ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ପରିଷଦ ପୁନର୍ଗଠନ

**ଭୁବନେଶ୍ୱର, ୨୮।୨(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁମୋଦନକ୍ରମେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସାଧାରଣ ପରିଷଦ ପୁନର୍ଗଠନ କରାଯାଇଛି। ଏହି କ୍ରମରେ ବିଶେଷଜ୍ଞ ସଦସ୍ୟ ଭାବରେ ନାଟ୍ୟକଳା, ନୃତ୍ୟକଳା, ସଙ୍ଗୀତକଳା ଓ ଲୋକକଳାରେ ୨ଜଣ ଲେଖାଏଁ ଚୟନ କରାଯାଇଛି। ଏମାନେ ହେଲେ 'ନାଟ୍ୟକଳା'ରେ ଦିଲେଶ୍ୱର ମହାରଣା ଓ କେଶରଞ୍ଜନ ପ୍ରଧାନ, 'ନୃତ୍ୟକଳା'ରେ ଗୁରୁ ନିରଞ୍ଜନ ରାଉତ ଓ ଗୁରୁ ସୁଜାତା ମହାପାତ୍ର, 'ସଙ୍ଗୀତକଳା'ରେ ଗୁରୁ ଧନେଶ୍ୱର ସ୍ୱାଇଁ ଓ ଗୁରୁ ସଙ୍ଗୀତା ପଣ୍ଡା। ସେହିପରି 'ଲୋକକଳା'ରେ ଗୁରୁ ରଞ୍ଜନ କୁମାର ସାହୁ ଓ ଶିଳ୍ପୀ ଶୁଭଶ୍ରୀ ମୁଖାର୍ଜୀଙ୍କୁ ଚୟନ କରାଯାଇଛି।

ଏହା ବ୍ୟତୀତ ପ୍ରଥମଥର ପାଇଁ ସଂଶୋଧନ ମୁତାବକ ପ୍ରତି ଜିଲ୍ଲାରୁ ନୃତ୍ୟ, ସଙ୍ଗୀତ, ନାଟକ ଓ ଲୋକକଳାରେ ଅଭିଜ୍ଞତା ଥିବା ଜଣଙ୍କୁ ଚୟନ କରାଯାଇଥିଲା। ୩୦ ଜିଲ୍ଲାର ୩୦ ଜଣଙ୍କ ମଧ୍ୟରୁ ସ୍ୱପ୍ନାରାଣୀ ସିହ୍ନା (ଅନୁଗୋଳ), ଅଖିଳ ଲେଙ୍କା(କଟକ), ଚିଣ୍ଟୁ ପ୍ରସାଦ ନାୟକ (କଳାହାଣ୍ଡି), ମହେଶ୍ୱର ପ୍ରଧାନ (କନ୍ଧମାଳ), ଧୀରେନ ମହାନ୍ତି (କେନ୍ଦୁଝର), ରବି ମିଶ୍ର (କେନ୍ଦ୍ରାପଡ଼ା), କର୍ଣ୍ଣ ଗୌଡ଼ (କୋରାପୁଟ), ଲାଲା ବୀରେନ ରାୟ (ଖୋର୍ଦ୍ଧା), ରଘୁନାଥ ପାତ୍ର (ଗଜପତି), ଜଗଦୀଶ ପାଣିଗ୍ରାହୀ (ଗଞ୍ଜାମ), ପବିତ୍ର ପଟ୍ଟନାୟକ (ଜଗତସିଂହପୁର), ସୁବାସ ପ୍ରଧାନ (ଝାରସୁଗୁଡ଼ା), ଯାମିନୀ ରଞ୍ଜନ ଦାଶ (ଢେଙ୍କାନାଳ), ହେମନ୍ତ କୁମାର ମହାପାତ୍ର (ଦେବଗଡ଼), ଦେବଦାସ ମହାକୁଡ଼(ନବରଙ୍ଗପୁର), ନବ ମିଶ୍ର (ନୟାଗଡ଼), ଅର୍ଜୁନ ଚତ୍ର(ନୂଆପଡ଼ା), ବଦ୍ରି ମିଶ୍ର (ପୁରୀ), କାଳୀଚରଣ ବାଗ(ବରଗଡ଼), ନବୀନ କହଁର(ବଲାଙ୍ଗିର), ଭୁବନ ମୋହନ ପ୍ରଧାନ (ବାଲେଶ୍ୱର), ବସନ୍ତ ସାହୁ (ବୌଦ୍ଧ), ଶ୍ୱେତପଦ୍ମା ଦାସ ବେହେରା (ଭଦ୍ରକ), ଲଡ୍ଡୁକିଶୋର ରାଣା (ମୟୂରଭଞ୍ଜ), ବିନାଶ କୁମାର ମିଶ୍ର (ମାଲକାନଗିରି), ବୈକୁଣ୍ଠ ନନ୍ଦ (ଯାଜପୁର), ସସ୍ମିତା ପଣ୍ଡା (ରାୟଗଡ଼ା), ପ୍ରଦୀପ ପଣ୍ଡା (ସମ୍ବଲପୁର), ଗଦାଧର କୁଅଁର(ସୁବର୍ଣ୍ଣପୁର) ଓ ଗୋପକୃଷ୍ଣ ନାୟାରଙ୍କୁ ସୁନ୍ଦରଗଡ଼ ଜିଲ୍ଲା ପାଇଁ ଚୟନ କରାଯାଇଛି।

### ଆରକ୍ଷୀ ପ୍ରଶିକ୍ଷଣ ଦୀକ୍ଷାନ୍ତ ସମାରୋହ

## ୪୪୬ ପୁଲିସ ପାସ୍ ଆଉଟ୍

**ନୟାଗଡ଼,୨୮।୨(ସମିସ):** ନୟାଗଡ଼ ପୁଲିସ ଟ୍ରେନିଙ୍ଗ ସ୍କୁଲରେ ୫୪ତମ ଆରକ୍ଷୀ ପ୍ରଶିକ୍ଷଣ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୁଲିସ୍ ଏକାଡେମୀର ଆରକ୍ଷୀ ମହାନିର୍ଦ୍ଦେଶକ ସାଇନି ଏସ୍ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଏସ୍‌ପି ରାହୁଲ୍ ଜୈନ, ପିଟିଏସ୍ ପ୍ରିନ୍ସିପାଲ୍ ଭବେଶ କୁମାର ନାୟକ ଏହି ଉତ୍ସବରେ ଯୋଗ ଦେଇଥିଲେ। ୨୦୨୩ ମସିହା ମେ ମାସରେ ଏହି ପ୍ରଶିକ୍ଷଣ କେନ୍ଦ୍ରରେ ୪୫୦ ଜଣ ନବନିଯୁକ୍ତ କନେଷ୍ଟବଲ୍ ଟ୍ରେନିଙ୍ଗ ପାଇଁ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଆଜି ୪୪୬ ଜଣ ଟ୍ରେନିଙ୍ଗ ଶେଷ କରିଛନ୍ତି। ଏହି ଶିକ୍ଷାର୍ଥୀମାନେ ରାଜ୍ୟର ଖୋର୍ଦ୍ଧା, ବୌଦ୍ଧ, କଳାହାଣ୍ଡି, ବାଲେଶ୍ୱର, ଗଜପତି ଏବଂ ଗଞ୍ଜାମ ଜିଲ୍ଲାରୁ ଆସି ତାଲିମ ଶେଷ କରିଛନ୍ତି।

ପ୍ରଶିକ୍ଷାର୍ଥୀମାନେ ତାଲିମ ସମୟରେ ନୂତନ ସିଲାବସ୍ ଅନୁଯାୟୀ ଅସ୍ତ୍ରଶସ୍ତ୍ର ଚାଳନା, ଶାରିରୀକ ଶିକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ଲାଠିଚାଳନା, ଲୌହବୁହା ବାଷ୍ପର ପ୍ରୟୋଗ, ଜନସାଧାରଣଙ୍କ ପ୍ରତି ପୁଲିସର ବ୍ୟବହାର ଏବଂ ଆଇନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ତାଲିମ ନେଇଛନ୍ତି। ଏହାପରେ ସେମାନେ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରେ ଯୋଗ ଦେଇ ନିଜ କର୍ତ୍ତବ୍ୟ ସମ୍ପାଦନ କରିବେ।

## ସ୍ୱାସ୍ଥ୍ୟସେବାର ଏକ ହଜାର ଦିନରେ ସମ୍ମମ୍

**ଭୁବନେଶ୍ୱର, ୨୮।୨(ସମିସ):** ଭୁବନେଶ୍ୱର ସ୍ଥିତ ସମ୍ ଅଲ୍ଟିମେଟ୍ ମେଡିକେୟାର (ସମ୍ମମ୍) ଜନସାଧାରଣଙ୍କୁ ଉତ୍ସର୍ଗୀକୃତ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଚାରି ବର୍ଷ ପୂରଣ କରିଛି। ବୈଷୟିକ ଜ୍ଞାନକୌଶଳ, କୁଶଳୀ ମାନବ ସମ୍ବଳ, ଅତ୍ୟାଧୁନିକ ସରଞ୍ଜାମ ଓ ସମର୍ପିତ ସ୍ୱାସ୍ଥ୍ୟସେବା ଯୋଗୁ ଏହି ମଲ୍ଟି ସୁପର୍ ସ୍ପେଶାଲିଟି ହସ୍ପିଟାଲ ପୂର୍ବ ଭାରତରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ଫେବୃଆରୀ ୨୯, ୨୦୨୦ରେ ସମ୍ମମ୍ ପ୍ରତିଷ୍ଠା କରାଯାଇଥିଲା। ସମ୍ମମରେ ପ୍ରତ୍ୟେକ ବିଭାଗ ଓ ସେଂଟର ଅଫ ଏକ୍ସିଲେନ୍ସ ରୋଗୀ ମାନଙ୍କୁ ଉତ୍ସର୍ଗୀକୃତ ମନୋଭାବ ନେଇ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ଅତ୍ୟାଧୁନିକ ଚିକିତ୍ସା ଓ ପ୍ରକ୍ରିୟାରେ ରୋଗୀମାନଙ୍କୁ ସୁଫଳ ମିଳିପାରୁଛି। କୌଣସି ଜଟିଳ ଅସ୍ତ୍ରୋପଚାର ହେଉ ଅଥବା ଦୈନନ୍ଦିନ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ମମର ବିଶେଷଜ୍ଞ ଡାକ୍ତରୀ ଦଳ ଅବିରତ ଭାବେ କାର୍ଯ୍ୟ କରିବା ସହ ରୋଗୀମାନଙ୍କୁ ସର୍ବୋତମ ମାନର ସେବା ଯୋଗାଇ ଦେଉଛନ୍ତି। ଗତ ଚାରି ବର୍ଷ ମଧ୍ୟରେ ସମ୍ମମ ୧, ୬୫, ୦୦୦ ରୁ ଉର୍ଦ୍ଧ୍ୱ ରୋଗୀଙ୍କର ଚିକିତ୍ସା କରିଥିବା ବେଳେ ୧୭, ୫୦, ୦୦୦ ରୁ ଅଧିକ ପରୀକ୍ଷାନିରୀକ୍ଷା କରିଛି। ସେହିପରି ୨୫, ୦୦୦ ରୁ ଉର୍ଦ୍ଧ୍ୱ ଅସ୍ତ୍ରୋପଚାର କରାଯାଇଥିବା ବେଳେ ୩୯, ୦୦୦ରୁ ଉର୍ଦ୍ଧ୍ୱ ଥେରାପି ଓ ୧୫, ୦୦୦ ରୁ ଅଧିକ ପେଟ୍ ସିଟି ଓ ଗାମା ସ୍କାନ୍ କରାଯାଇଅଛି। କ୍ୟାନସର ପୀଡିତଙ୍କ ପାଇଁ ଆଶାର ସଞ୍ଚାର ପାଲଟିଛି ସମ୍ମମର ହୋପ ସ୍ପ୍ରିଂଗସ୍ ବ୍ଲକ ଯେଉଁଠାରେ କି ଏପର୍ଯ୍ୟନ୍ତ ୫, ୦୦, ୦୦୦ରୁ ଅଧିକ କ୍ୟାନସର ରୋଗୀଙ୍କୁ ଉତ୍କୃଷ୍ଟ ଧରଣର ଚିକିତ୍ସା ପ୍ରଦାନ କରାଯାଇଅଛି।

ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର ମନୋଜରଞ୍ଜନ ନାୟକ କହିଛନ୍ତି ଯେ ଏହା କେବଳ ସ୍ଥାନୀୟ ଅଞ୍ଚଳ ନୁହେଁ; ବରଂ ରାଜ୍ୟର ସ୍ୱାସ୍ଥ୍ୟ ପର୍ଯ୍ୟଟନକୁ ମଧ୍ୟ ବୃଦ୍ଧି କରିଛି। ସମ୍ମମର ବିଶ୍ୱ ସ୍ତରୀୟ ସ୍ୱାସ୍ଥ୍ୟ ସେବା ପ୍ରଦାନ ଯୋଗୁ ଓଡ଼ିଶା ବିଶ୍ୱର ସ୍ୱାସ୍ଥ୍ୟସେବା ମାନଚିତ୍ରରେ ନିଜକୁ ସ୍ଥାନିତ କରିପାରିଛି। ଓଡ଼ିଶାକୁ ଚିକିତ୍ସା ପର୍ଯ୍ୟଟନର ହବ୍ ଭାବେ ପରିଣତ କରିବା ଆମର ସ୍ୱପ୍ନ। ସମ୍ମମର ଉତ୍ସର୍ଗୀକୃତ ସ୍ୱାସ୍ଥ୍ୟସେବା ଦ୍ୱାରା ଏହା ପୂରଣ ହୋଇପାରୁଥିବା ଦେଖି ମୁଁ ଗର୍ବ ଅନୁଭବ କରୁଛି ବୋଲି ପ୍ରଫେସର ନାୟକ କହିଛନ୍ତି।

### ସବୁ ହଷ୍ଟେଲ ରୋଷେଇ ଘରୁ ହଟିବ କାଠ ଚୂଲା

# ଦୁଇ ବର୍ଷରେ ଶତ ପ୍ରତିଶତ ଏଲ୍‌ପିଜି ସଂଯୋଗ ଲକ୍ଷ୍ୟ

**ଭୁବନେଶ୍ୱର, ୨୮।୨ (ସମିସ):** ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ସମସ୍ତ ଆବାସିକ ବିଦ୍ୟାଳୟ ତଥା ହଷ୍ଟେଲରେ ଆଉ କାଠ ଚୂଲିରେ ରୋଷେଇ ହେବ ନାହିଁ। ସମସ୍ତ ରୋଷେଇ ଘରକୁ ପରିବେଶ ଅନୁକୂଳ କରିବା ଲକ୍ଷ୍ୟରେ ଏଲ୍‌ପିଜି ସଂଯୋଗ କରାଯିବ। ବିଭାଗ ଦ୍ୱାରା ପରିଚାଳିତ ୧୭୩୬ଟି ଆବାସିକ ବିଦ୍ୟାଳୟ ଏବଂ ଅନ୍ୱେଷା ଓ ଆକାଂକ୍ଷା କାର୍ଯ୍ୟକ୍ରମ ଅଧିନରେ ପରିଚାଳିତ ପ୍ରାୟ ୬୦୦୦ ହଷ୍ଟେଲରେ ଥିବା ରୋଷେଇ ଘରେ ଏଲ୍‌ପିଜି ସିଲିଣ୍ଡର ଜରିଆରେ ଖାଦ୍ୟ ପ୍ରସ୍ତୁତ କରାଯିବ। ଦୁଇ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ସମସ୍ତ ଛାତ୍ରାବାସରେ କାଠ ଚୂଲା ଉଚ୍ଛେଦ କରି ଏଲପିଜି ସିଲିଣ୍ଡର ବ୍ୟବହାର କରାଯିବ। ବିଭାଗର ଏହି ନିଷ୍ପତ୍ତି ଦ୍ୱାରା ଜଙ୍ଗଲ ଓ ପରିବେଶ ସୁରକ୍ଷା ହେବ ଏବଂ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାଙ୍କ ମଧ୍ୟରେ ପରିବେଶ ସୁରକ୍ଷା ଦିଗରେ ଜାଗରଣ ସୃଷ୍ଟି କରାଯାଇ ପାରିବ। ବିଦ୍ୟାଳୟସ୍ତରରୁ ହିଁ ଛାତ୍ରଛାତ୍ରୀମାନେ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ ହେବେ। ଏନେଇ ଉପଯୁକ୍ତ ପଦକ୍ଷେପ ନେବା ଲାଗି ବିଭାଗୀୟ ଶାସନ ସଚିବ ରୂପା ରୋଶନ ସାହୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪-୨୫ ରୁ ୨୦୨୫-୨୬ ମଧ୍ୟରେ ସମସ୍ତ ରୋଷେଇ ଘରେ ଏଲ୍‌ପିଜି ସଂଯୋଗ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଲାଗି ବିଭାଗ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବିଭାଗର ହଷ୍ଟେଲରେ କାଠ ଜାଳି ରୋଷେଇ ହେଉଥିବା ନେଇ 'ସକାଳ'ରେ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇବା ପରେ ସରକାରଙ୍କ ପକ୍ଷରୁ ଏ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି।




ଶ୍ରୀମତୀ ସାହୁ ଜିଲ୍ଲାପାଳମାନଙ୍କୁ ଲେଖିଥିବା ଚିଠି ଅନୁସାରେ ବିଭାଗ ଅଧିନରେ ଥିବା ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସରେ ବିଭିନ୍ନ ପଦକ୍ଷେପ ସ୍ୱରୂପ ଉନ୍ନତ ପରିବେଶ ସୁନିଶ୍ଚିତ କରାଯାଇଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଆଉ ଏକ ପଦକ୍ଷେପ ସ୍ୱରୂପ ପାରମ୍ପରିକ ରୋଷେଇ ପଦ୍ଧତିକୁ ପର୍ଯ୍ୟାୟକ୍ରମେ ବନ୍ଦ କରି ଏଲ୍‌ପିଜି ବ୍ୟବହାର ଆରମ୍ଭ କରିବା ଲାଗି ନିଷ୍ପତ୍ତି ହୋଇଛି। ଏହା ଦ୍ୱାରା ଛାତ୍ରାବାସ ନିକଟରେ ସବୁଜ ଓ ସ୍ୱାସ୍ଥ୍ୟ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ। ପରିବେଶ ସୁରକ୍ଷା ସହିତ ପିଲାମାନଙ୍କୁ କାଠ ଚୂଲାର କୁପ୍ରଭାବରୁ ସୁରକ୍ଷା ମିଳିପାରିବ। ନିଷ୍ପତ୍ତି ଅନୁସାରେ ଉକ୍ତ ପରିବେଶ ଅନୁକୂଳ ରୋଷେଇ ଘର ଅଭିଯାନ ଅଧିନରେ ୨୦୨୪-୨୫ରେ ସମସ୍ତ ୪୨୨ଟି ଉଚ୍ଚ ବିଦ୍ୟାଳୟ, ୬୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋଟିଏ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ, ୫ଟି କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ୯୩ଟି ଅନ୍ୱେଷା ହଷ୍ଟେଲରେ କାଠ ଚୂଲାର ବ୍ୟବହାର ବନ୍ଦ କରାଯାଇ ଏଲ୍‌ପିଜି ଜରିଆରେ ରୋଷେଇ ଆରମ୍ଭ ହେବ। ଅର୍ଥାତ୍ ଚଳିତ ବର୍ଷ ୧୨୨୨ଟି ହଷ୍ଟେଲରେ ପରିବେଶ ଅନୁକୂଳ ରୋଷେଇ ବ୍ୟବସ୍ଥା ଆରମ୍ଭ ହେବ ଯେଉଁଠାରେ ୧,୭୬,୦୦୦ ଜଣ ଛାତ୍ରଛାତ୍ରୀ ରହୁଛନ୍ତି। ଅବଶିଷ୍ଟ ବିଦ୍ୟାଳୟ ଓ ହଷ୍ଟେଲରେ ରୂପାନ୍ତରଣ କାର୍ଯ୍ୟ ୨୦୨୫-୨୬ରେ ସମ୍ପାଦନ କରାଯିବ। ଏହି ଯୋଜନାର କାର୍ଯ୍ୟାନ୍ୱୟନ ଲାଗି ୨୦୨୪-୨୫ ବାର୍ଷିକ ବଜେଟରେ ଅତିରିକ୍ତ ପାଣ୍ଠି ବ୍ୟବସ୍ଥା କରାଯାଇଛି। ଏହି ପାଣ୍ଠିରେ ଗ୍ୟାସ୍ ଚୂଲା, ଏଲପିଜି ସିଲିଣ୍ଡର, ଗ୍ୟାସ୍ ଭରଣା ଖର୍ଚ୍ଚ ବହନ କରାଯିବ। ୨୦୨୪-୨୫ ବର୍ଷର ପ୍ରଥମ ପର୍ଯ୍ୟାୟରେ ୫୦ଟି ଉଚ୍ଚ ବିଦ୍ୟାଳୟ, ୨୦ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ୫ଟି କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ଗୋଟିଏ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ ଓ ୨୫ଟି ଅନ୍ୱେଷା ହଷ୍ଟେଲର ରୋଷେଇ ଘର ଗୁଡିକୁ ପରିବେଶ ଅନୁକୂଳ କରାଯିବ। ଚଳିତ ବର୍ଷ ଜୁନ୍ ୩୦ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ଜିଲ୍ଲାସ୍ତରରେ ହଷ୍ଟେଲ ଚିହ୍ନଟ କରାଯାଇ ବିଭାଗର ଅନୁମୋଦନ ନିମନ୍ତେ ପଠାଇବା ନିମନ୍ତେ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ବିଭାଗ ଅଧିନରେ ପରିଚାଳିତ ସମସ୍ତ ଆବାସିକ ବିଦ୍ୟାଳୟ ତଥା ଛାତ୍ରାବାସରେ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଉନ୍ନତ ଭିତ୍ତିଭୂମି ସୃଷ୍ଟି କରାଯାଇଛି। ଏଥିସହ ଅନ୍ତେବାସୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟର ମାନ ବୃଦ୍ଧି କରାଯିବା ସହ ସେମାନଙ୍କୁ ଶୀତକାଳୀନ ବସ୍ତ୍ର, ସାଧାରଣ ପୋଷାକ ବଣ୍ଟନ କରାଯାଉଛି।

